# ଚିଲିକା ତହସିଲ୍ ଅଞ୍ଚଳରେ ମୋରମ୍ ମାଫିଆ ସକ୍ରିୟ

ବାଲୁଗାଁ,୪।୨(ସମିସ)



କୋଟି କୋଟି ଟଙ୍କାର ରାଜସ୍ୱ ହାନୀ

ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଚିଲିକା ତହସିଲ୍ ଅଞ୍ଚଳରେ ବ୍ୟାପକ ପରିମାଣରେ ମୋରମ୍ ଚୋରା ଚାଲାଣ ହେଉଥିବାବେଳେ ଏହି ଅଞ୍ଚଳ ମାଫିଆଙ୍କ ପାଇଁ ଭୂସ୍ୱର୍ଗ ପାଲଟିଛି। ବାରମ୍ବାର ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନ ନେବା ଯୋଗୁଁ ଅଞ୍ଚଳରେ ମୋରମ୍ ମାଫିଆମାନେ ସକ୍ରିୟ ହୋଇ ଉଠିଥିବାବେଳେ ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱ ହାନୀ ଘଟୁଛି। ଅନୁମତି ନ ଥାଇ ୫ ନମ୍ବର ଜାତୀୟ ରାଜପଥର ମାମୁ-ଭଣଜା ପାହାଡ଼ଠାରୁ ବାଲୁଗାଁ ବଜାର ଓ ଇଞ୍ଜିନପୁର ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟ ଚାଲିଥିବାବେଳେ ଉକ୍ତ ରାସ୍ତାର ଉଭୟ ପାଶ୍ୱର୍ କାର୍ଯ୍ୟରେ ବିପୁଳ ଚୋରା ମୋରମ୍ ବ୍ୟବହାର ହେଉଛି। ଏହା ସହ ବାଲୁଗାଁ, ବାଣପୁର ତଥା ଚିଲିକା ଅଞ୍ଚଳର ବିଭିନ୍ନ ସରକାରୀ ରାସ୍ତା ଓ ବେସରକାରୀ କାର୍ଯ୍ୟରେ ବେଆଇନ ଭାବେ ବିପୁଳ ପରିମାଣର ଚୋରା ମୋରମ୍ ବ୍ୟବହାର ହେଉଥିବା ଦେଖିବାକୁ ମିଳୁଥିବା ନେଇ ସ୍ଥାନୀୟ ଲୋକେ ବାରମ୍ବାର ଅଭିଯୋଗ କରିଆସୁଛନ୍ତି। ଅଭିଯୋଗ ସତ୍ତ୍ୱେ ମାଟି ମାଫିଆମାନେ ବେଆଇନ ଭାବେ ଏପରି ମୋରମ୍ ମାଟି ବାରମ୍ବାର ଲୁଟ୍‌ପାଟ୍ କରି ଖୁଲମ୍‌ଖୁଲା ସରକାରୀ କାର୍ଯ୍ୟରେ ଚୋରା ମୋରମ୍ ବ୍ୟବହାର କରି ଆସୁଥିବାବେଳେ ପ୍ରଶାସନର ମାଫିଆମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଚିଲିକା ତହସିଲ୍ ଅଧୀନ ଅଞ୍ଚଳରେ ଥିବା ସୈରାତ ପ୍ରାୟ ୧୦ ବର୍ଷ ତଳେ ବାର୍ଷିକ ନିଲାମ ହେଉଥିବାବେଳେ କିଛି ବର୍ଷ ହେବ ସୈରାତ ନିଲାମ ବନ୍ଦ ହୋଇଯିବା ପରେ ତହସିଲ୍‌ଦାରଙ୍କୁ ରାଜ୍ୟ ସରକାର କ୍ଷମତା ଦେଇଥିଲେ। କୌଣସି ବ୍ୟକ୍ତିଙ୍କର ଗୃହ କିମ୍ବା ରାସ୍ତା କାର୍ଯ୍ୟ ପାଇଁ ମୋରମ୍ ମାଟି ଆବଶ୍ୟକ ପଡ଼ିଲେ ତହସିଲ୍‌ଦାରଙ୍କ ନିକଟରେ ଟିକସ ବାନ୍ଧି ଆଦେଶ ପତ୍ର ଆଣି ମାଟି ଖୋଳି ଆଣିବା ପାଇଁ ନିର୍ଦ୍ଦେଶ ରହିଥିବାବେଳେ ଏପରି କିଛି ବର୍ଷ ଚାଲିବା ପରେ ଏସବୁ ବନ୍ଦ ହୋଇଯାଇଛି। ବର୍ତ୍ତମାନ ଜିଲ୍ଲା ଲଘୁ ଖଣିଜ ଦ୍ରବ୍ୟ ଅଧିକାରୀଙ୍କ ଉପରେ ସରକାର ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ୨୦୨୪ ଏପ୍ରିଲ୍ ମାସଠାରୁ ଲଘୁ ଖଣିଜ ଦ୍ରବ୍ୟ ସୈରାତ ନିଲାମଠାରୁ ଆରମ୍ଭ କରି ଜରିମାନା ଆଦାୟ କ୍ଷମତା ଖଣି ବିଭାଗ ହାତକୁ ଚାଲିଯାଇଛି। ଫଳରେ ଚୋରି ରୋକିବା ଉପରେ ପ୍ରଶାସନର ତତ୍ପରତା ଦେଖାଯାଉ ନ ଥିବା ପ୍ରତୀୟମାନ ହେଉଛି। ମାଫିଆମାନେ ସ୍ଥାନୀୟ ନେତାଙ୍କୁ ହାତ କରି ଓ ପ୍ରଶାସନିକ ଅଧିକାରୀମାନଙ୍କୁ ମାସିକିଆ ବଟି ଦେଇ ଏଭଳି ମୋରମ୍ ମାଟି ଲୁଟ୍‌ପାଟ୍ ଚଳାଇଥିବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଚିଲିକା ତହସିଲ୍ ଅଧୀନସ୍ଥ ବଡ଼କୂଳ ରାଜସ୍ୱ ସର୍କଲର ବିଭିନ୍ନ ସ୍ଥାନରୁ ମୋରମ୍ ମାଟି ଲୁଟ୍ କରାଯାଇ ରାଜପଥ ସମ୍ପ୍ରସାରଣ କାର୍ଯ୍ୟଠାରୁ ଆରମ୍ଭ କରି ରାସ୍ତା ପାଶ୍ୱର୍ ଖାଲଖମା ପରିପୂର୍ଣ୍ଣ କରିବା ସହ ବାଲୁଗାଁ ଏନ୍‌ଏସିର ବିଭିନ୍ନ ରାସ୍ତା କାମ ସମେତ ବହୁ ସରକାରୀ କାର୍ଯ୍ୟ ଓ ବିଭିନ୍ନ ଘରୋଇ କାର୍ଯ୍ୟରେ ବେଆଇନ ଭାବେ ଉକ୍ତ ମାଟି ବିପୁଳ ପରିମାଣରେ ବ୍ୟବହାର ହେଉଥିବା ଦେଖିବାକୁ ମିଳୁଛି। ମାଟି, ମୋରମ୍ ପାଇଁ ଜିଲ୍ଲା ଖଣି ବିଭାଗରୁ କୌଣସି ଅନୁମତି ଦିଆଯାଇ ନ ଥିବା ସ୍ଥଳେ ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ବାଣପୁର ତହସିଲ୍ ଅଞ୍ଚଳ ସମେତ ଚିଲିକା ତହସିଲ୍ ଅଧୀନସ୍ଥ ବଡ଼କୂଳ, ସାନ ନଇରୀ, ବାଲୁଗାଁ ଓ ଆଙ୍କୁଲା ରାଜସ୍ୱ ସର୍କଲରେ ମୋରମ୍ ମାଟି ମାଫିଆ ମାତି ଖୁଲମ୍‌ଖୁଲା ମୋରମ୍ ଚୋରା ଚାଲାଣ ଚଲାଇଛନ୍ତି। ଏ ସମ୍ପର୍କରେ ଜିଲ୍ଲା ଲଘୁ ଖଣି ବିଭାଗ ଅଧିକାରୀ ଜଗନ ବେହେରାଙ୍କୁ ଯୋଗାଯୋଗ କରିବାରୁ ସେ ଫୋନ୍ ଉଠାଇ ନ ଥିଲେ। ଚିଲିକା ବିଧାୟକ ତଥା ସରକାରଙ୍କ ଖୋଦ୍ ପୂର୍ତ୍ତ ବିଭାଗ ମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀରେ ଏଭଳି ମୋରମ୍ ମାଟି ଚୋରା ଚାଲାଣ ହୋଇ ବିଭାଗୀୟ କାର୍ଯ୍ୟରେ ବ୍ୟବହାର ହେଉଥିବାରୁ ଏହାକୁ ଗୁରୁତ୍ୱର ସହ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦୃଢ଼ ଦାବି ହେଉଛି।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ନିମାପଡ଼ା,୪।୨(ସମିସ): ନିମାପଡ଼ା ଏନ୍‌ଏସି ଅନ୍ତର୍ଗତ ପ୍ରାକ୍ଟିସିଂ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିର୍ମଳ କୁମାର ମିଶ୍ରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ପ୍ରଧାନଶିକ୍ଷକ ତଥା ଆଲୁମ୍‌ନି ସଭାପତି ନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୁଗ୍ମ ନିର୍ଦ୍ଦେଶକ ଓସେପା ହିମାଂଶୁ ଭୂଷଣ ସମରଥ, ମୁଖ୍ୟବକ୍ତାଭାବେ ମଣ୍ଡଳ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ପାଢ଼ୀ, ସମ୍ମାନିତ ଅତିଥିଭାବେ ବ୍ଲକ୍ ଅଧ୍ୟକ୍ଷ ଶଙ୍କର ଭୋଇ, ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁ, ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ସେନାପତି, ଓପିଟିଏ ରାଜ୍ୟ ଉପସଭାପତି ମହେନ୍ଦ୍ର କୁମାର ମିଶ୍ର, ପିଷ୍ଟା ନିମାପଡ଼ା ବ୍ଲକ୍ ସଭାପତି ଚିତ୍ତରଞ୍ଜନ ଲେଙ୍କା, ଏବିଇଓ ସୁଦର୍ଶନ ଭୋଇ, ଏବିଇଓ ଅଭୟ କୁମାର ବେହେରା, ଏବିଇଓ ପୁଷ୍ପମିତ୍ରା ମିଶ୍ର, ଏବିଇଓ ଗୀତାଞ୍ଜଳି ନାୟକ, ସିଆର୍‌ସିସି ଲକ୍ଷ୍ମୀଧର ସେଠୀ, ନିମାପଡ଼ା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ନନ୍ଦିତା ସାହୁ, ବନମାଳୀ ବ୍ରହ୍ମଚାରୀ ମେମୋରିଆଲ ଟ୍ରଷ୍ଟର ସଭାପତି ମାଧବ ଚନ୍ଦ୍ର ବିଶ୍ୱାଳ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶୁଭଶ୍ରୀ ବରାଳ, ଅବସରପ୍ରାପ୍ତ ଏବିଇଓ ସୀମାନ୍ତ ଶେଖର ରଥ ପ୍ରମୁଖଙ୍କ ସମେତ



ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଯୋଗଦେଇଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀ ମିଶ୍ର ଏକାଧାରରେ ଜଣେ କ୍ରୀଡ଼ାବିତ୍, କ୍ରୀଡ଼ା ସମୀକ୍ଷକ, ସମୟାନୁବର୍ତ୍ତୀ ଓ ଛାତ୍ରବତ୍ସଳ ଶିକ୍ଷକ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଶିକ୍ଷକ ତ୍ରିଲୋଚନ କର ପରିଚାଳନା କରିଥିବାବେଳେ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ କ୍ଷଣପ୍ରଭା ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଉକ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀ ମାହେଶ୍ୱରୀ ଦାଶ, ଇପ୍ସିତା ପ୍ରିୟଦର୍ଶିନୀ, ପ୍ରଲିପ୍ତା ଦାଶ, ସ୍ନେହଲତା ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

## 'ନିଯୁକ୍ତି ସୁଯୋଗ ଉପରେ କୃତ୍ରିମ ବୁଦ୍ଧିମତ୍ତାର ପ୍ରଭାବ' ଆଲୋଚନା



କଣାସ,୪।୨(ସମିସ): କଣାସ ବ୍ଲକ୍ ଦୟାବିହାରଠାରେ ପ୍ରତିଷ୍ଠିତ ଦୟାବିହାର ସ୍ନାତକ ମହାବିଦ୍ୟାଳୟରେ ଅର୍ଥଶାସ୍ତ୍ର ବିଭାଗ ଏବଂ ଆଇକ୍ୟୁଏସି ମିଳିତ ସହଯୋଗରେ ନିଯୁକ୍ତି ସୁଯୋଗ ଉପରେ କୃତ୍ରିମ ବୁଦ୍ଧିମତ୍ତାର ପ୍ରଭାବ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବିଶ୍ୱାଳ ଏହି ଆଲୋଚନାଚକ୍ରକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ସଭାରେ ଇଂରାଜୀ ବିଭାଗର ମୁଖ୍ୟ ଅଧ୍ୟାପକ ରବୀନ୍ଦ୍ର କୁମାର ସାହୁ ଆଲୋଚନାଚକ୍ରର ଆବଶ୍ୟକତା ଓ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏ ଦିଗରେ ଅର୍ଥଶାସ୍ତ୍ର ବିଭାଗର ଛାତ୍ରଛାତ୍ରୀ ଏବଂ ଅଧ୍ୟାପକମାନଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ମହାବିଦ୍ୟାଳୟର ବିଦ୍ୟାଗତ ମୁଖ୍ୟ ତଥା ଉଦ୍ଭିଦବିଜ୍ଞାନ ବିଭାଗ ମୁଖ୍ୟ ଗୁପ୍ତେଶ୍ୱର ସ୍ୱାଇଁ କୃତ୍ରିମ ବୁଦ୍ଧିମତ୍ତାର ବିଭିନ୍ନ ପ୍ରଭାବ ଉପରେ ଆଲୋଚନା କରିଥିଲେ। ବିଭାଗୀୟ ମୁଖ୍ୟ ଅଜୟ କୁମାର ମହାପାତ୍ର ଏହି ଆଲୋଚନାଚକ୍ର ଆଲୋଚ୍ୟ ବିଷୟର ଗୁରୁତ୍ୱ ପରିସର ଓ ଲକ୍ଷ୍ୟ ବିଷୟରେ ବକ୍ତବ୍ୟ ରଖିଥିଲେ। ଅଧ୍ୟାପିକା ଦେବଶ୍ରୀ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଯୋଗଦେଇଥିବା ଛାତ୍ରଛାତ୍ରୀମାନେ ନିଜ ନିଜର ଆଲେଖ୍ୟ ଉପସ୍ଥାପନ କରିଥିଲେ। ଏହି ଆଲୋଚନାଚକ୍ରରେ ଆର୍ଥିକ ବିକାଶ ଏବଂ ନିଯୁକ୍ତି ସୁଯୋଗ ସୁନିଶ୍ଚିତ କରିବା ପାଇଁ ମାନବ ଏବଂ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ର ମିଳିତ ସହଯୋଗ କୌଶଳ ଅତ୍ୟନ୍ତ ଆବଶ୍ୟକ। ଭବିଷ୍ୟତର ନିଯୁକ୍ତି ସୁଯୋଗ ସମାଜର ବୈଷୟିକ ପରିବର୍ତ୍ତନ ସହ ଖାପଖୁଆଇ ଚଳିବା ଏବଂ ସୃଷ୍ଟି ହେଉଥିବା ନୂତନ ସୁଯୋଗ ପାଇଁ କର୍ମଚାରୀଙ୍କୁ ପ୍ରସ୍ତୁତ କରିବାର କ୍ଷମତା ଉପରେ ନିର୍ଭର କରେ ବୋଲି ମତପ୍ରକାଶ ପାଇଥିଲା। ବିଭାଗୀୟ ଛାତ୍ରୀ ରୂପଶ୍ରୀ ମହାରଣା ସ୍ୱାଗତ ଭାଷଣ ଦେଇଥିବାବେଳେ କ୍ଷୀରାବ୍ଧି ତନୟା ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ଏହି ଆଲୋଚନାଚକ୍ରରେ ବିଭାଗର ଅଧ୍ୟାପକ-ଅଧ୍ୟାପିକା, ଛାତ୍ରଛାତ୍ରୀମାନେ ସେମାନଙ୍କ ଆଲେଖ୍ୟ ଉପସ୍ଥାପନ ମାଧ୍ୟମରେ ନିଜର ମତ ରଖିଥିଲେ।

## ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ; ସେମିରେ ବଜରଙ୍ଗ ଏକାଦଶ



ନିମାପଡ଼ା,୪।୨(ସମିସ): ନିମାପଡ଼ା ବାରବାଟୀ ଗ୍ରାଉଣ୍ଡରେ ରାଜ୍ୟସ୍ତରୀୟ ୧୧ତମ ପଦ୍ମଚରଣ ସାମନ୍ତସିଂହାର ସ୍ମାରକୀ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟରେ ଗ୍ରୁପ୍ ବି'ର ପ୍ରଥମ କ୍ୱାର୍ଟର ଫାଇନାଲ୍ ମ୍ୟାଚ୍ ବଜରଙ୍ଗ ଏକାଦଶ ଖୋର୍ଦ୍ଧା ଏବଂ ନିମାପଡ଼ା ଆଥ୍‌ଲେଟିକ୍ ଆସୋସିଏସନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବଜରଙ୍ଗ ଏକାଦଶ ୧-୦ ଗୋଲ୍‌ରେ ନିମାପଡ଼ା ଆଥ୍‌ଲେଟିକ୍ ଆସୋସିଏସନକୁ ପରାସ୍ତ କରିଛି। ମ୍ୟାଚ୍‌ରେ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ଭାବେ ବଜରଙ୍ଗ ଦଳର ୧୭ନଂ ଖେଳାଳି ରୋହିତ ପୁରସ୍କୃତ ହୋଇଥିଲେ। ମ୍ୟାଚ୍‌କୁ ପରିଚାଳନା କରିଥିଲେ ରେଫରୀ ଏସ୍‌କେ ଆଲାମ, ବିଦେଶୀ ନାୟକ, ଆଶିଷ ସାହୁ। ମ୍ୟାଚ୍‌କୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ ଶିକ୍ଷାବିତ୍ ଶ୍ରୀକାନ୍ତ ସାମନ୍ତରାୟ, ସୁବ୍ରତ କୁମାର ମହାନ୍ତି, ବରିଷ୍ଠ ସାମ୍ବାଦିକ ସଞ୍ଜୟ କୁମାର ପତି, ଯୁବ ସାମ୍ବାଦିକ ବିଶ୍ୱଜିତ୍ ମିଶ୍ର, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ କୁମାର ଖଟୋଇ। ଗୁରୁବାର ଗ୍ରୁପ୍ ବି'ର ୨ୟ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ରାଉରକେଲା ଷ୍ଟିଲ୍ ସିଟି ଏବଂ ବଜରଙ୍ଗୀ ଫୁଟ୍‌ବଲ ଘାଟିକିଆ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆସୋସିଏସନର ସମ୍ପାଦକ ଜୀବନାନନ୍ଦ ମହାପାତ୍ର ସୂଚନା ଦେଇଛନ୍ତି। ମ୍ୟାଚ୍‌ରେ ସହଯୋଗ କରିଥିଲେ ଆସୋସିଏସନ କାର୍ଯ୍ୟକାରୀ ସଭାପତି ଧିରେନ ବରାଳ, ପ୍ରଭାକର ସାହୁ ଓ ରଶ୍ମିରଞ୍ଜନ ପଣ୍ଡା।

## ଆଜିଠୁ ୪ ଦିନିଆ ସତ୍ୟବାଦୀ ମହୋତ୍ସବ

ସାକ୍ଷୀଗୋପାଳ,୪।୨(ସମିସ): ଐତିହାସିକ ବକୁଳ ବନ ପଞ୍ଚସଖା ମୁକ୍ତାକାଶ ରଙ୍ଗମଞ୍ଚରେ ଗୁରୁବାରଠାରୁ ସତ୍ୟବାଦୀ ମହୋତ୍ସବ ଆରମ୍ଭ ହେବ। ଚଳିତ ବର୍ଷ ୪ ଦିନ ଧରି ବଛାବଛା ବଲିଉଡ୍ ଏବଂ ଓଲିଉଡ୍ କଳାକାରମାନଙ୍କୁ ନେଇ ଆକର୍ଷଣୀୟ ରଙ୍ଗାରଙ୍ଗ ସାଂସ୍କୃତିକ ଅନୁଷ୍ଠିତ ହେବ। ଏଥିପାଇଁ ସତ୍ୟବାଦୀ ମହୋତ୍ସବ କମିଟି ଓ ପ୍ରଶାସନିକସ୍ତରରେ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ମଞ୍ଚ ସଜ୍ଜା, ପ୍ରଦର୍ଶନୀ ମଣ୍ଡପ, ପଞ୍ଚସଖା ସ୍ମୃତି ସମାଧି ପୀଠ, ବକୁଳ ବନ, ସାକ୍ଷୀଗୋପାଳ ମନ୍ଦିର, ବଜାର, ରାଜପଥ ଆଦି ବିଭିନ୍ନ ଛକରେ ହୋର୍ଡିଂ, ଆଲୋକ ସାଜସଜ୍ଜା କରାଯାଇଛି। ଏହା ସହିତ ପୁଲିସ, ପ୍ରଶାସନ ଓ ସ୍ୱେଚ୍ଛାସେବୀଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ସହକାରେ ଭିଡ଼ ନିୟନ୍ତ୍ରଣ ପାଇଁ ବୈଠକ କରାଯାଇଛି। ପରସ୍ପର ମଧ୍ୟରେ ଭାଇଚାରା ରଖି ସତ୍ୟବାଦୀ ମହୋତ୍ସବରେ ସଭିଏଁ ସାମିଲ୍ ହେବାକୁ ମହୋତ୍ସବ କମିଟିର ସଭାପତି ତଥା ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ଆହ୍ୱାନ ଦେଇଛନ୍ତି। ସତ୍ୟବାଦୀ ତହସିଲ୍‌ଦାର ସନ୍ତୋଷ କୁମାର ପାଣିଗ୍ରାହୀ, ଆଇଆଇସି ସୌମ୍ୟରଞ୍ଜନ ମହାଲିକଙ୍କ ସହିତ ବିଭାଗୀୟ ଅଧିକାରୀମାନେ ପ୍ରସ୍ତୁତି ନେଇ ଅନୁଧ୍ୟାନ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବକୁ ଅଧିକ ଆକର୍ଷଣୀୟ କରିବା ସଙ୍ଗେ ସଙ୍ଗେ ସତ୍ୟବାଦୀ ଯୁଗର ପଞ୍ଚସଖାଙ୍କ ଜନ୍ମଭୂମିରୁ ଜ୍ୟୋତି ସଂଗ୍ରହ କରାଯାଇ ଅପରାହ୍ଣ ୪ରେ ଏକ ବିଶାଳ ସାଂସ୍କୃତିକ ଶୋଭାଯାତ୍ରା ସାକ୍ଷୀଗୋପାଳ ବସ୍‌ଷ୍ଟାଣ୍ଡ ପଞ୍ଚସଖା ପ୍ରତିମୂର୍ତ୍ତିଠାରୁ ବାହାରି ସାକ୍ଷୀଗୋପାଳ ମନ୍ଦିର ନିକଟରେ ପହଞ୍ଚି ଠାକୁରଙ୍କ ଆଜ୍ଞାମାଳ ନେଇ ବକୁଳ ବନ ପଞ୍ଚସଖା ମୁକ୍ତାକାଶ ରଙ୍ଗମଞ୍ଚରେ ଭବ୍ୟ ସ୍ଥାପନ କରାଯିବ ବୋଲି ସମ୍ପାଦକ ଦୀପକ କୁମାର ଶତପଥି କହିଛନ୍ତି। ସେହିପରି ସଂକୀର୍ତ୍ତନ ମଣ୍ଡଳୀ, ନାଗା, ମେଢ଼, ପାଇକ ଆଖଡ଼ା, ସାହିଯାତ ସହ ହଜାର ହଜାର ଶ୍ରଦ୍ଧାଳୁଙ୍କ ସହ ଜ୍ୟୋତି ଯାତ୍ରାକୁ ପାଛୋଟି ନିଆଯିବ ବୋଲି ସଂଯୋଜକ ଜାନକୀ ବଲ୍ଲଭ ବରାଳ ସୂଚନା ଦେଇଛନ୍ତି। ପ୍ରଥମ ସନ୍ଧ୍ୟାରେ ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାରେ ସଫଳ ଛାତ୍ରଛାତ୍ରୀଙ୍କ ନୃତ୍ୟ, ସଙ୍ଗୀତ, ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ସାକ୍ଷୀଗୋପାଳ ମନ୍ଦିରରେ ଶ୍ରୀରାଧାଙ୍କ ଆବିର୍ଭାବକୁ ନେଇ ଏକ ଆକର୍ଷଣୀୟ ନୃତ୍ୟ ଏବଂ ଖୋର୍ଦ୍ଧା ଅଞ୍ଚଳର କଳାକାରମାନେ ପାଇକ ଆଖଡ଼ା ପରିବେଷଣ କରିବେ। ଏତଦ୍‌ବ୍ୟତୀତ ଅନ୍ୟ ଦିବସଗୁଡ଼ିକରେ ରକ୍ତଦାନ, ସ୍ୱାସ୍ଥ୍ୟ ଶିବିର, କୁଇଜ୍, ମ୍ୟାଜିକ୍ ଶୋ', ନୃତ୍ୟ ସଙ୍ଗୀତ, ଲୋକନୃତ୍ୟ ଏବଂ ଧମାକାଦାର ମେଲୋଡ଼ି କାର୍ଯ୍ୟକ୍ରମ ରହିଛି ବୋଲି ସାଂସ୍କୃତିକ ସମ୍ପାଦକ ବଦ୍ରିନାରାୟଣ ଖୁଣ୍ଟିଆ ସୂଚନା ଦେଇଛନ୍ତି।

## ନାବାଳକକୁ ଯୌନ ନିର୍ଯାତନା ଅଭିଯୋଗ; ୨ ଅଟକ

ବଲଙ୍ଗା,୪।୨(ସମିସ): ବଲଙ୍ଗା ଥାନା ଅଞ୍ଚଳରେ ଜନୈକ ଗାଁରେ ୧୩ ବର୍ଷୀୟ ନାବାଳକକୁ ବଣକୁ ନେଇ ଯୌନ ନିର୍ଯାତନା ଦିଆଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ପାଇବା ପରେ ବଲଙ୍ଗା ଥାନା ଅଧିକାରୀ ଦିବ୍ୟ ରଞ୍ଜନ ପଣ୍ଡାଙ୍କ ନେତୃତ୍ୱରେ ମଙ୍ଗଳବାର ବିଳମ୍ବିତ ରାତିରେ ୨ ଜଣଙ୍କୁ ଆଣି ଅଟକ ରଖି ପଚରାଉଚରା କରୁଥିବା ସୂଚନା ମିଳିଛି। ସୂଚନା ମୁତାବକ, ବଲଙ୍ଗା ଥାନାରେ ପୀଡ଼ିତ ନାବାଳକର ଅଭିଯୋଗ ଅନୁସାରେ, ଗାଁ ମୁଣ୍ଡ ପଡ଼ିଆରେ ଭଲି ବଲ୍ ଖେଳୁଥିବାବେଳେ ପାଖରେ ଥିବା ବଣକୁ ଦୁଇ ଜଣ ଯୁବକ ଟେକି ନେଇ ଉଲଗ୍ନ କରି ମୋବାଇଲ୍‌ରେ ଫଟୋ ଉଠାଇଲା। ତାଙ୍କ କବଳରୁ କୌଶଳକ୍ରମେ ଖସି ଦୌଡ଼ି ପଳାଇ ଆସି ପାଖରେ ଥିବା ଜଣକ ଘର ଭିତରେ ପଶିଯାଇଥିଲା। ଘରେ ପହଞ୍ଚି ଘଟଣା ସମ୍ପର୍କରେ ଅବଗତ କରାଇବା ପରେ ତାଙ୍କ ବୋଉ ଥାନାରେ ଅଭିଯୋଗ କରିଥିଲେ।

## କମଳେଶ୍ୱର ବିଦ୍ୟାପୀଠର ବାର୍ଷିକ ଉତ୍ସବ



କୃଷ୍ଣପ୍ରସାଦ,୪।୨(ସମିସ): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍ ବଡ଼ଝାଡ଼ ପଞ୍ଚାୟତ ଅଧୀନସ୍ଥ ବଡ଼ଝାଡ଼ କମଳେଶ୍ୱର ନୋଡାଲ ବିଦ୍ୟାପୀଠର ୪୭ତମ ବାର୍ଷିକ ଉତ୍ସବ ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି। କୃଷ୍ଣପ୍ରସାଦ ବ୍ଲକ୍ ଭାରପ୍ରାପ୍ତ ଶିକ୍ଷା ଅଧିକାରୀ ସିଦ୍ଧେଶ୍ୱର କରଣ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ବରିଷ୍ଠ ସଦସ୍ୟ ଯୋଗେନ୍ଦ୍ର ନାଥ ଜେନାଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ମୁଖ୍ୟବକ୍ତା ଭାବେ ବରିଷ୍ଠ ପ୍ରବକ୍ତା ତଥା ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ କାଶୀନାଥ ଜେନା, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଶିକ୍ଷା ଅଧିକାରୀ ପ୍ରକାଶ ଚନ୍ଦ୍ର ବେହେରା, ପୂର୍ବତନ ପ୍ରଧାନଶିକ୍ଷକ ଦେବେନ୍ଦ୍ରନାଥ ଦଳବେହେରା, ବାଉରୀବନ୍ଧୁ ମାଝୀ, ଗଣେଶ ନାୟକ, ଜ୍ଞାନଦୀପ ମହାବିଦ୍ୟାଳୟର ପ୍ରତିଷ୍ଠାତା ଡ. ଅଭିମନ୍ୟୁ ଜେନା ପ୍ରମୁଖ ଯୋଗଦେଇ ରାଷ୍ଟ୍ର ନିର୍ମାଣରେ ଛାତ୍ରଛାତ୍ରୀଙ୍କ ଭୂମିକା ସମ୍ପର୍କରେ ମତ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଲଲାଟେନ୍ଦୁ ସେଠୀ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ସହକାରୀ ଶିକ୍ଷକ ଉଲ୍ଲାସ ଚନ୍ଦ୍ର ସାହୁ, ମାନସ କୁମାର ମଲ୍ଲିକ ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କ୍ରୀଡ଼ା ଶିକ୍ଷକ ଅଶୋକ କୁମାର ଜେନା, ସହକାରୀ ଶିକ୍ଷକ ବିରଞ୍ଚି ନାରାୟଣ ମାନସିଂହ, ଶିକ୍ଷୟିତ୍ରୀ ଅରୁନ୍ଧତୀ ପ୍ରଧାନ, ରଶ୍ମିତା ସାହୁ, ଶୁଭ୍ରାଂଶୁ ମାଳିନୀ ଜେନା, ଧରିତ୍ରୀ ଜେନା, ବରିଷ୍ଠ କିରାଣି ଶଙ୍କର ସିଂହ, କର୍ମଚାରୀ ଆର୍ତ୍ତତ୍ରାଣ ପଲେଇ, ମିଟୁ ଜେନା, ସଦାଶିବ ମହାପାତ୍ରଙ୍କ ସମେତ ସମସ୍ତ କର୍ମଚାରୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ପାରିଶ୍ରମିକ ଟଙ୍କା ମାଗିବାରୁ ଆକ୍ରମଣ; ୩ ଗୁରୁତର

କଣାସ,୪।୨(ସମିସ): କଣାସ ବ୍ଲକ୍ ଅନ୍ତର୍ଗତ ଗଡ଼ବଡ଼ପୁଟ ପଞ୍ଚାୟତ ଗଡ଼ବଡ଼ପୁଟ ଗ୍ରାମରେ ପାରିଶ୍ରମିକ ଟଙ୍କାକୁ କେନ୍ଦ୍ର କରି ମରଣାନ୍ତକ ଆକ୍ରମଣ ହୋଇଛି। ଏଥିରେ ୩ ଜଣ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଗଡ଼ବଡ଼ପୁଟ ଗ୍ରାମର ମମତା ବଳବନ୍ତରାୟଙ୍କ ଅଭିଯୋଗ ଅନୁସାରେ, ତାଙ୍କର ଦୁଇ ପୁଅ କାମ କରିଥିବା ପାରିଶ୍ରମିକ ଟଙ୍କା ନ ଦେବାରୁ କିଛି ଦୁର୍ବୃତ୍ତଙ୍କ ସହ ବଚସା ହୋଇଥିଲା। ଏଥିରେ ଦୁର୍ବୃତ୍ତମାନେ ଉକ୍ତ ଦୁଇ ଭାଇଙ୍କୁ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ ଦିଅରକୁ ମଧ୍ୟ ସମ୍ପୃକ୍ତ ବ୍ୟକ୍ତିମାନେ ଖଣ୍ଡା ଭୁଜାଲିରେ ଆକ୍ରମଣ କରିବାରୁ ସେ ମଧ୍ୟ ଗୁରୁତର ହୋଇପଡ଼ିଥିଲେ। ତୁରନ୍ତ ସେମାନଙ୍କୁ ଖୋର୍ଦ୍ଧା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଜଣଙ୍କର ଅନ୍ତଃବୁଜୁଳା ବାହାରି ଯାଇଛି। ଘଟଣାସ୍ଥଳରେ ପୁଲିସ ଜଗି ରହିଥିବାବେଳେ ଗାଁରେ ଉତ୍ତେଜନା ଲାଗିରହିଛି।

## ଭଦ୍ର ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଚାରିଛକ,୪।୨(ସମିସ): ଚାରିଛକ ନିକଟସ୍ଥ ଭୋଦର ପଞ୍ଚାୟତ ଭଦ୍ର ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ମଙ୍ଗଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ମିତ୍ର, ମୁଖ୍ୟବକ୍ତାଭାବେ ପ୍ରାକ୍ତନ ଆଇଆର୍‌ଏସ୍ ଚନ୍ଦ୍ରକାନ୍ତ ଦଳାଇ, ସମ୍ମାନିତ ଅତିଥିଭାବେ ତୁଳସୀପୁର ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଶାଖା ପରିଚାଳକ ଗୋପବନ୍ଧୁ ନନ୍ଦୀ,



ସିଆର୍‌ସିସି ମଧୁସୂଦନ ପଟ୍ଟନାୟକ, ପୂର୍ବତନ ପ୍ରଧାନଶିକ୍ଷୟିତ୍ରୀ ଡେଜି ରାୟ, ପୂର୍ବତନ ପ୍ରଧାନଶିକ୍ଷକ ନିରଞ୍ଜନ କର, ସ୍ଥାନୀୟ ସରପଞ୍ଚ ଚାରୁଲତା ବେହେରା, ଆଲୁମ୍‌ନି ସଭାପତି ରମାରମଣ ଦେବପାତ୍ର, ପରିଚାଳନା କମିଟି ସଭାପତି ଶ୍ୟାମ ସୁନ୍ଦର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର କୃତୀ ପ୍ରତିଭାମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉକ୍ତ ଉତ୍ସବରେ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକ ଓ ପରିଚାଳନା କମିଟିର ସଦସ୍ୟ ଯୋଗଦେଇଥିଲେ।

## ମଧୁ ବାବୁଙ୍କୁ ପୁରୀ ଓକିଲ ସଂଘର ଶ୍ରଦ୍ଧାଞ୍ଜଳି

ପୁରୀ,୪।୨(ସମିସ): ଅର୍ଥନୈତିକ ପ୍ରଗତି ବିନା ଜାତିର ବିକାଶ ଅସମ୍ଭବ। କୃଷି ଓ ସ୍ୱଦେଶୀ ଶିଳ୍ପ ପାଇଁ ଯୋଜନା ନ ହେଲେ ଓଡ଼ିଆ ଜାତିର ଭବିଷ୍ୟତ ଉଜ୍ଜ୍ୱଳ ହେବ ନାହିଁ। ନାରୀ ଶିକ୍ଷା ଏବଂ ଓଡ଼ିଆ ଜାତିର ସ୍ୱାଭିମାନ ପ୍ରତିଷ୍ଠା, ଭାଷାଭିତ୍ତିକ ରାଜ୍ୟ ଗଠନ ମୂଳ ପ୍ରସଙ୍ଗ ଧରି ଉତ୍କଳ ଗୌରବ ମଧୁସୂଦନ ଦାସ ଜୀବନବ୍ୟାପୀ ନିଜକୁ ଉତ୍ସର୍ଗ କରିଦେଇଥିଲେ ବୋଲି ବୁଧବାର ମଧୁବାବୁଙ୍କ ମହାପ୍ରୟାଣ ଦିବସରେ ପୁରୀ ଓକିଲ ସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜଣାଇ ବରିଷ୍ଠ ଓକିଲ ଜୟଦେବ ମିଶ୍ର, ଅନୀଲ ରାୟ, ପୁଷ୍କର ମହାପାତ୍ର, ସତ୍ୟନାରାୟଣ ତ୍ରିପାଠୀ, ବୈଦ୍ୟନାଥ ପାଣି ଏହା କହିଛନ୍ତି। ସଭାପତି ପ୍ରେମାନନ୍ଦ ମହାନ୍ତି, ସାଧାରଣ ସମ୍ପାଦକ ଶରତ କୁମାର ରାୟଗୁରୁ, କର୍ଣ୍ଣବୀର ମହାପାତ୍ର, ବିଶ୍ୱଜିତ୍ ପ୍ରଧାନ, ପ୍ରଦୀପ ରଥ, ସାରଦା ସାମଲ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଥିଲେ ଯେ ମଧୁବାବୁ ଓଡ଼ିଆ ଜାତି ଓ ଓଡ଼ିଆ ଭାଷା ପାଇଁ ଜନ ଜୀବନରେ ଜଣେ କିମ୍ବଦନ୍ତୀ ପୁରୁଷ। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପୂର୍ବରୁ ୧୯୩୪ ମସିହା ଆଜିର ଦିନରେ ତାଙ୍କର ଦେହାବସାନ ହେଲା ସତ କିନ୍ତୁ ଓଡ଼ିଆ ଜାତି ପାଖରେ ସବୁଦିନ ପାଇଁ ସେ ମନେ ରହିବେ। ମଧୁବାବୁଙ୍କ ପ୍ରଚେଷ୍ଟାରେ ୧୯୩୬ ମସିହାରେ ଓଡ଼ିଶା ଭାରତର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ହୋଇପାରିଥିଲା, ଯାହା କାଳ କାଳ ପାଇଁ ସ୍ମରଣୀୟ।



## କଣାସରେ ସୁମନ ସ୍ୱେଚ୍ଛାସେବୀଙ୍କ ତାଲିମ

# ସୁରକ୍ଷିତ ମାତୃତ୍ୱ ଓ ସୁସ୍ଥ ଶିଶୁ ଜନ୍ମ ପାଇଁ ସଙ୍କଳ୍ପ

କଣାସ,୪।୨(ସମିସ)



ସୁରକ୍ଷିତ ମାତୃତ୍ୱ ଓ ସୁସ୍ଥ ଶିଶୁ ଜନ୍ମକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ବୁଧବାର ସୁମନ ସ୍ୱେଚ୍ଛାସେବୀଙ୍କ ପାଇଁ ଏକ ଦିନିକିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେକ ଉପକେନ୍ଦ୍ରରୁ ଦୁଇଜଣ କରି ସ୍ୱେଚ୍ଛାସେବୀଙ୍କୁ ଚିହ୍ନଟ କରି ସୁରକ୍ଷିତ ମାତୃତ୍ୱ ଆଶ୍ୱାସନା କାର୍ଯ୍ୟକ୍ରମରେ ସେମାନଙ୍କୁ ସାମିଲ୍ କରିବା ଉଦ୍ଦେଶ୍ୟରେ ଏହି ତାଲିମ ଆୟୋଜନ କରାଯାଇଥିଲା।

ଶ୍ରୀ ଅରବିନ୍ଦ ଓ ଶ୍ରୀଶ୍ରୀମାଙ୍କ ଆଦର୍ଶରେ ଅନୁପ୍ରାଣିତ ପ୍ରାୟ ୨୩ ଜଣ ସୁମନ ସ୍ୱେଚ୍ଛାସେବୀଙ୍କ ସହ ସମୁଦାୟ ୪୦ ଜଣ ସ୍ୱେଚ୍ଛାସେବୀ ଏହି ତାଲିମରେ ଯୋଗଦେଇ ମାଆ ଓ ଶିଶୁ ସ୍ୱାସ୍ଥ୍ୟ ସୁରକ୍ଷାରେ ନିଜ ଭୂମିକା ନିର୍ବାହ କରିବା ପାଇଁ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶାଳୟରୁ ମାଆ, ଶିଶୁ ଓ ପ୍ରଜନନ ସ୍ୱାସ୍ଥ୍ୟ ପରାମର୍ଶଦାତା ସରୋଜ ପାଣିଗ୍ରାହୀ ତାଲିମରେ ଯୋଗଦେଇ ମାତୃ ଓ ଶିଶୁ ମୃତ୍ୟୁ ରୋକିବାରେ ସୁମନ ସ୍ୱେଚ୍ଛାସେବୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା, ସଚେତନତା ସୃଷ୍ଟି ଓ ସମୟୋଚିତ ସହଯୋଗର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ତାଲିମ ଶିବିରର ମୁଖ୍ୟ ଆକର୍ଷଣ ଥିଲେ ଓଡ଼ିଶାର ପ୍ରସିଦ୍ଧ ସ୍ତ୍ରୀ ଓ ପ୍ରସୂତି ଚିକିତ୍ସା ବିଜ୍ଞାନୀ, କଟକ ଏସ୍‌ସିବି ମେଡିକାଲ କଲେଜର ପୂର୍ବତନ ଅଧୀକ୍ଷକ ଓ ସ୍ତ୍ରୀ ଓ ପ୍ରସୂତି ବିଭାଗର ପୂର୍ବତନ ମୁଖ୍ୟ ପ୍ରାଧ୍ୟାପିକା ଡା. ଶ୍ୟାମା କାନୁନ୍‌ଗୋ। ସେ ଜଣେ ଶ୍ରେଷ୍ଠ ଚିକିତ୍ସା ବିଜ୍ଞାନୀ ଭାବେ ଆଧୁନିକ ଚିକିତ୍ସା ସହ ଆଧ୍ୟାତ୍ମିକ ଚେତନାର ସମନ୍ୱୟ କରି ସୁସ୍ଥ ମାଆ ଓ ଦିବ୍ୟ ଶିଶୁ ଜନ୍ମ ଉପରେ ଗୁରୁତ୍ୱ ଦେଇ ସ୍ୱେଚ୍ଛାସେବୀମାନଙ୍କୁ ପ୍ରେରିତ କରିଥିଲେ। ଜନ୍ମ ସଂସ୍କାର ମାଧ୍ୟମରେ ସୁସ୍ଥ ସମାଜ ଓ ସଶକ୍ତ ଓଡ଼ିଶା ଗଠନ ହେବ ବୋଲି ସେ ମତ ପ୍ରକାଶ କରିଥିଲେ। କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧୀକ୍ଷକ ଡା. ବିବେକ ଅନୁରାଗ ଓ ଡା. ବିଶ୍ୱରଞ୍ଜନ ଜେନା ତାଲିମ ପ୍ରଦାନ କରିଥିବାବେଳେ ବିପିଏମ୍ ଧନେଶ୍ୱର ସ୍ୱାଇଁ ସମଗ୍ର ତାଲିମ କାର୍ଯ୍ୟକ୍ରମକୁ ସୁଚାରୁ ଭାବେ ପରିଚାଳନା କରିଥିଲେ।

# ବିଦ୍ୟାଳୟରୁ ନିଖୋଜ ଛାତ୍ରଙ୍କ କ୍ଷତାକ୍ତ ମୃତଦେହ ଉଦ୍ଧାର

ଗଣିଆ,୪ ।୨(ସମିସ)

ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ ବେଲପଡ଼ାପାଟଣା ପ୍ରାଥମିକ ବିଦ୍ୟାଳୟରୁ ନିଖୋଜ ହୋଇଥିବା ନାବାଳକ ଛାତ୍ରଙ୍କ କ୍ଷତାକ୍ତ ମୃତଦେହ ବୁଧବାର ସକାଳେ ଉଦ୍ଧାର କରାଯାଇଛି। ଗାଁ ନିକଟ ଏକ ପରିତ୍ୟକ୍ତ କୂଅରୁ ମୃତଦେହ ମିଳିଛି। ମୃତକ ହେଲେ ବେଲପଡ଼ାପାଟଣା ଗ୍ରାମର ବିଜୟ ମଳିକଙ୍କ ପୁଅ ଭୋଳାନାଥ ମଳିକ (୧୦)।

ଭୋଳାନାଥ ବେଲପଡ଼ାପାଟଣା ପ୍ରାଥମିକ ବିଦ୍ୟାଳୟରେ ୫ମ ଶ୍ରେଣୀରେ ପାଠ ପଢୁଥିଲେ। ସବୁଦିନ ପରି ମଙ୍ଗଳବାର ସେ ବିଦ୍ୟାଳୟକୁ ଯାଇଥିଲେ। ମଧ୍ୟାହ୍ନ ଭୋଜନ ଖାଇ ସାରିବା ପରେ ତାଙ୍କୁ ଝାଡ଼ା ଲାଗିବାରୁ ଶୌଚ ପାଇଁ ପ୍ରଧାନଶିକ୍ଷୟିତ୍ରୀ ମନିଷା ସେନାପତିଙ୍କୁ କହି ପୋଖରୀକୁ ଯାଇଥିଲେ। ଅପରାହ୍ନ ୪ଟା ପର୍ଯ୍ୟନ୍ତ ସେ ବିଦ୍ୟାଳୟକୁ ନ ଫେରିବାରୁ ପ୍ରଧାନଶିକ୍ଷୟିତ୍ରୀ ଭୋଳାନାଥଙ୍କ ଜଣେ ସାଙ୍ଗ ହାତରେ ତାଙ୍କ ବ୍ୟାଗକୁ ପଠାଇ ଦେଇଥିଲେ। ତେବେ ଭୋଳାନାଥ ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ସ୍କୁଲ ଶିକ୍ଷୟିତ୍ରୀଙ୍କୁ ପଚାରିଥିଲେ। ଝାଡ଼ା ଯିବାକୁ କହି ବିଦ୍ୟାଳୟରୁ ଆସିଥିବା ଶିକ୍ଷୟିତ୍ରୀ କହିବା ପରେ ଦମକଳବାହିନୀ ସହାୟତାରେ ବିଦ୍ୟାଳୟ ପଛ ପାଖରେ ଥିବା ପୋଖରୀରେ ପ୍ରାୟ ଦୁଇ ଘଣ୍ଟା ଖୋଜାଖୋଜି କରାଯାଇଥିଲା। ତେବେ ସେଠାରେ ମଧ୍ୟ ଭୋଳାନାଥଙ୍କ ସନ୍ଧାନ ମିଳି ନ ଥିଲା। ପରିବାର ଲୋକେ ସାରା ରାତି ନିଜ ବନ୍ଧୁବାନ୍ଧବଠାରୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ପତ୍ତା ମିଳି ନ ଥିଲା। ବୁଧବାର ସକାଳେ ଗାଁ ନିକଟ ଏକ ସ୍ଥାନରେ ନୂତନ ଗୃହ ନିର୍ମାଣ ଚାଲୁଥିବା ବେଳେ ସେହିଠାରେ ଥିବା ପରିତ୍ୟକ୍ତ କୂଅ ନିକଟରେ ଭୋଳାନାଥଙ୍କର ଗୋଟିଏ ଚପଲ ମିଳିଥିଲା। ସନ୍ଦେହ ହେବାରୁ ସେହି କୂଅ ଭିତରେ ପଶି ଖୋଜାଖୋଜି କରିବାରୁ ଭୋଳାନାଥଙ୍କ ମୃତଦେହ



ମିଳିଥିଲା। ତେବେ ଦେହରେ କେବଳ ସାର୍ଟ ଥିବା ବେଳେ ପ୍ୟାଣ୍ଟ ନ ଥିଲା। ଏପରିକି ତାଙ୍କ କାନରୁ ରକ୍ତ ବାହାରୁଥିଲା। ଭୋଳାନାଥଙ୍କୁ କେହି ହତ୍ୟାକରି ସେଠାରେ ପକାଇ ଦେଇଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ।

- ହତ୍ୟା ଅଭିଯୋଗ, ରାସ୍ତାରୋକ
- ଦୁଇ ଶିକ୍ଷୟିତ୍ରୀ ନିଲମ୍ବିତ

ପୁଅର ମୃତଦେହ ପାଖରେ ମୁଣ୍ଡ ବାଡ଼େଇ ମା' କାନ୍ଦୁଥିବା ବେଳେ ବାରମ୍ବାର ଚେତାଶୂନ୍ୟ ହୋଇପଡୁଥିଲେ। ପରେ ଭୋଳାନାଥଙ୍କ ମୃତଦେହ ଧରି ଗ୍ରାମବାସୀ ଗଣିଆ ବଜାର ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ପ୍ରାୟ ୪ ଘଣ୍ଟାରୁ ଅଧିକ ସମୟ ପର୍ଯ୍ୟନ୍ତ ରାସ୍ତାରୋକ ଜାରି ରହିଥିବାବେଳେ ଉଭୟ ପାର୍ଶ୍ୱରେ ଶହ ଶହ ଗାଡ଼ି ଅଟକି ରହିଥିଲା। ଖବରପାଇ ଘଟଣାସ୍ଥଳରେ ଖଣ୍ଡପଡ଼ା ଏସଡିପିଓ ମଦନ ମୋହନ ପ୍ରଧାନ, ତହସିଲଦାର ଐଶ୍ୱର୍ଯ୍ୟା ପୃଷ୍ଟେଠ, ବିଡିଓ ଲାବଣ୍ୟେନ୍ଦୁ ମହାନ୍ତି, ଥାନା ଅଧିକାରୀ ଟଙ୍କଧର ଛତ୍ରିଆ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ। ଦୀର୍ଘ ସମୟ ପରେ ଗ୍ରାମବାସୀଙ୍କୁ ରାଜି କରାଇ ଶବ ବ୍ୟବଚ୍ଛେଦ ପାଇଁ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିଲା। ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ଏବଂ ସନ୍ଧାନୀ କୁକୁର ପହଞ୍ଚି ତନାଘନା କରିଥିଲେ ମଧ୍ୟ କୌଣସି ସୁରାକ ପାଇ ନ ଥିଲେ। ସେହି ପରିତ୍ୟକ୍ତ କୂଅରୁ ସମସ୍ତ ପାଣି ନିଷ୍କାସନ କରିବା ପରେ ସେଥିରୁ ପିଲାଟିର ଗୋଟିଏ ଚପଲ ଏବଂ ପ୍ୟାଣ୍ଟ ମିଳିଥିଲା। ସାଇଣ୍ଟିଫିକ୍ ଟିମ୍ ସମସ୍ତ ନମୁନା ସଂଗ୍ରହ କରି ଲାବରେଟୋରୀକୁ ପଠାଇଛି। ଅନ୍ୟପଟେ କାର୍ଯ୍ୟରେ ଅବହେଳା ପାଇଁ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମନିଷା ସେନାପତି ଏବଂ ଶିକ୍ଷୟିତ୍ରୀ ଶୈଳବାଳା ସାହୁଙ୍କୁ ଗଣିଆ ବିଇଓ ନିଲମ୍ବନ କରିଛନ୍ତି। ବୁଧବାର ଶିକ୍ଷୟିତ୍ରୀ ଦ୍ୱୟ ବିଦ୍ୟାଳୟ ପରିସରରେ ଥିବା ବେଳେ ଅଭିଭାବକମାନେ ସେମାନଙ୍କୁ ବାହାରୁ ତାଲା ପକାଇ ଦେଇଥିଲେ। ଅପରାହ୍ନରେ ବିଇଓ ଲିପ୍ସା ନନ୍ଦ, ବିଆରସିସି ବିନୋଦିନୀ ପଣ୍ଡା, ଥାନା ଅଧିକାରୀ ଟଙ୍କଧର ଛତ୍ରିଆ ବିଦ୍ୟାଳୟରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା କରି ଦୁଇ ଶିକ୍ଷୟିତ୍ରୀଙ୍କୁ ଉଦ୍ଧାର କରିଥିଲେ।

ଏ ସମ୍ପର୍କରେ ବିଇଓଙ୍କୁ ପଚାରିବାରୁ କହିଲେ, ବିଦ୍ୟାଳୟର ଦୁଇ ଶିକ୍ଷୟିତ୍ରୀ କାର୍ଯ୍ୟରେ ଅବହେଳା କରିଥିବାରୁ ତାଙ୍କୁ ନିଲମ୍ବନ କରାଯାଇଛି। ବିଦ୍ୟାଳୟର ଶିକ୍ଷୟିତ୍ରୀ ଜ୍ୟୋସ୍ନା ପଟ୍ଟନାୟକଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିବା ବେଳେ ଅନ୍ୟଜଣେ ଶିକ୍ଷକଙ୍କୁ ଡେପୁଟେସନରେ ଉକ୍ତ ବିଦ୍ୟାଳୟକୁ ପଠାଯିବ ବୋଲି ସେ କହିଛନ୍ତି। ଘଟଣାର ତଦନ୍ତ ଚାଲିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ପଦାକୁ ଆସିବ ବୋଲି ଥାନା ଅଧିକାରୀ କହିଛନ୍ତି। ପିଲାଟିକୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଥିବା ବେଳେ ସେ ସମ୍ପର୍କରେ କୌଣସି ସୁରାକ ମିଳିପାରିନାହିଁ। ଅନ୍ୟପଟେ ମଙ୍ଗଳବାର ଅପରାହ୍ନରେ ମଧ୍ୟ ସେହି କୂଅ ପାଖରେ ଖୋଜାଖୋଜି କରାଯିବା ସହ ସେଠାରେ ଦିନତମାମ ନୂତନ ଗୃହ ନିର୍ମାଣ କାର୍ଯ୍ୟ ଚାଲୁ ରହିଥିବାରୁ ସେଠାରେ ପିଲାଟିର ସନ୍ଧାନ ମିଳି ନ ଥିଲା। ସକାଳୁ ସେହି କୂଅ ଭିତରୁ ପିଲାଟିର ଶବ ବାହାରିଲା କିପରି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ପିଲାଟି ଯଦି ସାର୍ଟ ପ୍ୟାଣ୍ଟ ପିନ୍ଧିଥିଲା ତେବେ ଦେହରେ ସାର୍ଟ ଥିବା ବେଳେ ପ୍ୟାଣ୍ଟ କୂଅ ଭିତରକୁ ଗଲା କିପରି? ଯଦି ଝାଡ଼ା ଯାଇଥିଲା ତେବେ କାନରୁ ରକ୍ତ ବାହାରିଲା କାହିଁକି? ପିଲାଟି ସ୍କୁଲ ପଛପାଖ ପୋଖରୀକୁ ଝାଡ଼ା ନଯାଇ ସ୍କୁଲଠାରୁ ଦୂର ରାସ୍ତା ପାର୍ଶ୍ୱରେ ଥିବା କୂଅକୁ ଗଲା କାହିଁକି? ଏଭଳି ଅନେକ ଅସମାହିତ ପ୍ରଶ୍ନ ଲୋକଙ୍କ ମନରେ ଉଙ୍କି ମାରୁଥିବା ବେଳେ ଏହି ଘଟଣାରେ ସମଗ୍ର ଅଞ୍ଚଳ ସ୍ତବ୍ଧ ପାଲଟି ଯାଇଛି। ମୃତ୍ୟୁ ରହସ୍ୟ ଜାଣିବାକୁ ସମସ୍ତେ ଅପେକ୍ଷା କରିଥିବା ବେଳେ ତଦନ୍ତ କରି ପ୍ରକୃତ ଘଟଣା ପଦାକୁ ଆଣିବା ସହିତ ପରିବାରକୁ ନ୍ୟାୟ ପ୍ରଦାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ମଧୁବାବୁଙ୍କ ଶ୍ରାଦ୍ଧ ଦିବସ ପାଳିତ



ନୟାଗଡ଼,୪ ।୨(ସମିସ): ସ୍ଥାନୀୟ ନୀଳମାଧବ ହୋଟେଲରେ ପୂଜ୍ୟପୂଜା କମିଟି ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଛି। ମଧୁବାବୁ କିଭଳି ଓଡ଼ିଆ ଜାତି ପାଇଁ ସମର୍ପିତ ଥିଲେ ଏପରିକି ଓଡ଼ିଆ ଜାତିପ୍ରାଣ ଥିଲେ ସେ ସମ୍ପର୍କରେ ଉପସ୍ଥିତ ବ୍ୟକ୍ତିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ମଧୁବାବୁଙ୍କ ରଚିତ ଓଡ଼ିଆ ସ୍ୱାର୍ଥ ସୁରକ୍ଷା ସମ୍ପର୍କିତ ପଦାବଳୀ ଗାନ କରାଯାଇଥିଲା। ପୂଜ୍ୟପୂଜା କମିଟିର ବରିଷ୍ଠ ସଭ୍ୟ ଗୋଦାବରୀ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ବରିଷ୍ଠ ସାମ୍ବାଦିକ ରାମକୃଷ୍ଣ ରଥ, ଧୀରେନ୍ଦ୍ର କୁମାର ପଟ୍ଟନାୟକ, ବିପିନ କୁମାର ସାହୁ, ବସନ୍ତ କୁମାର ରାଉତ, ରଘୁନାଥ ବିଶୋଇ, ଗୋପବନ୍ଧୁ ଲେଙ୍କା ଜିତେନ୍ଦ୍ର କୁମାର ସେଠୀ ପ୍ରମୁଖ ଯୋଗଦେଇ ମଧୁବାବୁଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

## ଝାଙ୍ଗୀରାମ ହାଇସ୍କୁଲର ବାର୍ଷିକୋତ୍ସବ ପାଳିତ




ଓଡ଼ଗାଁ,୪ ।୨(ସମିସ): ଓଡ଼ଗାଁ ବ୍ଲକ ଗୌଡ଼ପୁଟ ପଞ୍ଚାୟତ ଝାଙ୍ଗୀରାମ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ ବୁଧବାର ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ଫକୀରମୋହନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ମୁଖ୍ୟଅତିଥି, ଓଡ଼ଗାଁ ସିଆର୍‌ସିସି ତଥା ଏବିଇଓ ରାଜକିଶୋର ସାହୁ ମୁଖ୍ୟବକ୍ତା, ସରପଞ୍ଚ ତ୍ରିନାଥ ନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଆନନ୍ଦ ଚନ୍ଦ୍ର ବାରିକ, ପଞ୍ଚସଖା ଶିକ୍ଷାସେତୁ ସଭାପତି ସୁରଥ ପ୍ରଧାନ, ଯଦୁପୁର ବିଦ୍ୟାଳୟ ପ୍ରଧାନଶିକ୍ଷକ ତ୍ରିନାଥ ପ୍ରଧାନ, ପୁରାତନ ଛାତ୍ର ପ୍ରତିନିଧି ନିତ୍ୟାନନ୍ଦ ପ୍ରଧାନ, ଗୌଡ଼ପୁଟ ସିଆର୍‌ସିସି ଶ୍ରୀଧର ପରିଡ଼ା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର ସଫଳ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ପ୍ରଶିକ୍ଷଣ ଶିବିର 'ପ୍ରବୋଧନ' ଉଦ୍‌ଘାଟିତ

ଭାପୁର,୪ ।୨(ସମିସ): ଭାପୁର ବ୍ଲକ ବାଲୁଙ୍କେଶ୍ୱର ଦେବ ବିଦ୍ୟାପୀଠରେ ବୁଧବାରଠାରୁ ପାଞ୍ଚଦିନିଆ ପ୍ରଶିକ୍ଷଣ ଶିବିର 'ପ୍ରବୋଧନ' ଉଦଘାଟିତ ହୋଇଛି। ଏବିଇଓ ପ୍ରଭାକର ସାମନ୍ତରାୟ ଓ ବାଲୁଙ୍କେଶ୍ୱର ଦେବ ବିଦ୍ୟାପୀଠର ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ଦାସ ଏହାକୁ ଉଦଘାଟନ କରିଥିଲେ। ଜାତୀୟ ଶିକ୍ଷାନୀତି-୨୦୨୦ ଅନୁଯାୟୀ ଆସନ୍ତା ଶିକ୍ଷାବର୍ଷରୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟ ପୁସ୍ତକରେ ପରିବର୍ତ୍ତନ ହେବାକୁ ଯାଉଛି। ଏହି ନୂତନ ପାଠ୍ୟ ପୁସ୍ତକ ବିଷୟରେ କିପରି ଶିକ୍ଷକମାନେ ଅବଗତ ହେବେ ଓ ଛାତ୍ରଛାତ୍ରୀଙ୍କ ସାମଗ୍ରୀକ ଭାବେ ଉନ୍ନତି ହେବା ସହ ପାଠ୍ୟାଭିମୁଖୀ କରିବେ ସେ ନେଇ ତାଙ୍କୁ ପ୍ରଶିକ୍ଷିତ କରାଯାଉଛି। ଶିବିରରେ ବ୍ଲକର ୮୫ ଜଣ ଏଲିମେଣ୍ଟାରି ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ ଭାଗ ନେଇଛନ୍ତି। ପ୍ରଶିକ୍ଷକ ଭାବେ ବନ୍ଦନା ସାସମଲ, ସବିତା ସାହୁ ଓ କୁଳମଣି ମହାରଣା କାର୍ଯ୍ୟ ସମ୍ପାଦନ କରୁଛନ୍ତି। ପର୍ଯ୍ୟାୟକ୍ରମେ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପ୍ରଶିକ୍ଷଣ ଦିଆଯିବ ବୋଲି କୁହାଯାଇଛି।

## ପଣ୍ଡିତ ତ୍ରିନାଥ ହୋତାଙ୍କ ପରଲୋକ



ଓଡ଼ଗାଁ,୪ ।୨(ସମିସ): ଓଡ଼ଗାଁ ବ୍ଲକ ପନ୍ତିଖାରୀ ପଞ୍ଚାୟତ ପନ୍ତିଖାରୀ ଶାସନ ଗ୍ରାମର ପଣ୍ଡିତ ତ୍ରିନାଥ ହୋତାଙ୍କର ବୁଧବାର ଅପରାହ୍ନରେ ପରଲୋକ ହୋଇଛି। ତାଙ୍କ ବିୟୋଗରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସଂସ୍କୃତ ପଣ୍ଡିତ ଭାବେ ଶିକ୍ଷକତା କରୁଥିବା ପଣ୍ଡିତ ହୋତା ୨୦୦୫ରେ ଅବସର ନେଇଥିଲେ। ପରେ ସେ ଗାଁରୁ ସହର ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ଯାଗଯଜ୍ଞରେ ଆଚାର୍ଯ୍ୟ, ପୁସ୍ତକାଚାର୍ଯ୍ୟ ଏବଂ ରୁଦ୍ରାଭିଷେକ, ସତ୍ୟନାରାୟଣ ପୂଜା ଆଦି ବୈଦିକ କର୍ମ ନିଷ୍ଠାର ସହିତ ସମାପନ କରୁଥିବାରୁ ଅଞ୍ଚଳରେ ସେ ବେଶ୍ ପରିଚିତ ଥିଲେ।

## କୋସ୍କା ହାଇସ୍କୁଲକୁ ମିଳିଲା ପଞ୍ଚତାରକା ସମ୍ମାନ

ଖଣ୍ଡପଡ଼ା,୪ ।୨(ସମିସ): ନୟାଗଡ଼ ଜିଲ୍ଲା ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ଜିଲ୍ଲାସ୍ତରୀୟ ପିଏମଶ୍ରୀ ଉତ୍ସବରେ ନୟାଗଡ଼ ଜିଲ୍ଲା ଗ୍ରାମାଞ୍ଚଳ ମାଧ୍ୟମିକ ବିଦ୍ୟାଳୟସ୍ତରୀୟ ସ୍ୱଚ୍ଛ ସବୁଜ ହରିତ ପଞ୍ଚତାରକା ଉଚ୍ଚ ବିଦ୍ୟାଳୟ ଭାବେ କୋସ୍କା ଆଞ୍ଚଳିକ ସରକାରୀ ଉଚ୍ଚ ବିଦ୍ୟାଳୟକୁ ପ୍ରଥମ ସ୍ଥାନ ମିଳିଛି। ଜିଲ୍ଲାପାଳ ମଧୁମିତା ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ, ସମ୍ମାନିତ ଅତିଥିଭାବେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ନୟାଗଡ଼ ପୌରାଧ୍ୟକ୍ଷା ନିରୁପମା ଖଟେଇ, ଜିଲ୍ଲା ଶିକ୍ଷାଧିକାରୀ ତଥା କାର୍ଯ୍ୟକ୍ରମ ଆବାହକ ଚିତ୍ତରଞ୍ଜନ ପାଣ୍ଡେ ପ୍ରମୁଖ ମଞ୍ଚାସୀନ ଥିଲେ। କୋସ୍କା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ କାର୍ତ୍ତିକ ଚନ୍ଦ୍ର ଦଳେଇ ଜିଲ୍ଲାପାଳ ଏବଂ ଜିଲ୍ଲା ଶିକ୍ଷାଧିକାରୀଙ୍କଠାରୁ ପ୍ରମାଣପତ୍ର ଗ୍ରହଣ କରିଥିଲେ।

## ୪ ମାସ ହେଲା ମିଳୁନି ଭତ୍ତା
# ଜିଲ୍ଲାପାଳଙ୍କୁ ଫେରାଦ ହେଲେ ବୃଦ୍ଧବୃଦ୍ଧା



ନୟାଗଡ଼,୪ ।୨(ସମିସ)

ନୟାଗଡ଼ ଜିଲ୍ଲାରେ ବୃଦ୍ଧବୃଦ୍ଧାମାନେ ଅକଥନୀୟ ଯନ୍ତ୍ରଣା ଭୋଗୁଛନ୍ତି। କିଏ ୪ ମାସ ତ ପୁଣି କିଏ ୫ ମାସ ହେଲା ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ ହୋଇଛନ୍ତି। ହାତଖର୍ଚ୍ଚ କରିବାକୁ ଅଣ୍ଟାରେ ପଇସାଟିଏ ନାହିଁ। ନିୟମିତ ଔଷଧ ସେବନ କରୁଥିବା ବୃଦ୍ଧବୃଦ୍ଧା ପୁଅବୋହୂଙ୍କ ହାତକୁ ଚାହିଁଥିବା ବେଳେ ଅନେକ ବାକି କରଜ କରି ଚଳୁଛନ୍ତି। ବୟସାଧିକ ବ୍ୟକ୍ତିଙ୍କ ଆକ୍ରୋଶର ପ୍ରତିଫଳନ ବୁଧବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦେଖିବାକୁ ମିଳିଛି। ଗତ ନଭେମ୍ବର ମାସରୁ ଭତ୍ତାରୁ ବଞ୍ଚିତ ଶତାଧିକ ହିତାଧିକାରୀ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଫେରଦା ହୋଇଛନ୍ତି। ନୟାଗଡ଼ ସଦର ବ୍ଲକ ବାଲୁଗାଁ ପଞ୍ଚାୟତର ଏହି ବୃଦ୍ଧବୃଦ୍ଧାମାନେ ଜିଲ୍ଲାପାଳ ମଧୁମିତା ରଥଙ୍କୁ ଭେଟି ଗୁହାରି କରିଛନ୍ତି। ବୃଦ୍ଧବୃଦ୍ଧାମାନେ ହଇରାଣ ହେଉଥିବା ଏବଂ ତାଙ୍କୁ କାହିଁକି ଭତ୍ତା ମିଳୁନାହିଁ ବୋଲି ପ୍ରଶ୍ନ କରିଛନ୍ତି ବାଲୁଗାଁ ସରପଞ୍ଚ ମନୋଜ କୁମାର ନାୟକ। ନୟାଗଡ଼ ବ୍ଲକ ପ୍ରଶାସନର ବେପରୁଆ ନୀତି ପାଇଁ ବୃଦ୍ଧବୃଦ୍ଧାମାନେ ଭତ୍ତାରୁ ବଞ୍ଚିତ ହେଉଥିବା ସେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଜିଲ୍ଲାପାଳ ଅଭିଯୋଗ ଶୁଣିବା ପରେ ନୟାଗଡ଼ ବିଡିଓ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଓ ନୟାଗଡ଼ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ତୁରନ୍ତ ଡକାଇଛନ୍ତି। ବିଡିଓ ଛୁଟିରେ ଥିବାରୁ ଜିଲ୍ଲା ଓ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଜିଲ୍ଲାପାଳଙ୍କ ନିକଟରେ ପହଞ୍ଚିଥିଲେ। ସେମାନଙ୍କୁ ସମସ୍ୟା ସମାଧାନ କରିବାକୁ ପରାମର୍ଶ ଦେବା ସହ ଏଭଳି ସ୍ଥିତି ପାଇଁ କାରଣ ଦର୍ଶାଅ ନୋଟିସ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି। ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ନାମ ପରିବର୍ତ୍ତନ ପାଇଁ ସମସ୍ୟା ସୃଷ୍ଟି ହୋଇଥିବା ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଫେଇ ଦେଇଥିବା ବେଳେ ଅନ୍ୟ ବ୍ୟାଙ୍କରେ ଖାତା ଥିବା ହିତାଧିକାରୀମାନେ କାହିଁକି ଭତ୍ତାରୁ ବଞ୍ଚିତ ହୋଇଛନ୍ତି ବୋଲି ଜିଲ୍ଲାପାଳ ପଚାରିଥିଲେ। ୧୦ ଦିନ ମଧ୍ୟରେ ସମସ୍ୟା ସମାଧାନ କରି ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ନୟାଗଡ଼ ଲାଠିପଡ଼ା ପଞ୍ଚାୟତର ୩୦ରୁ ଊର୍ଦ୍ଧ୍ୱ ହିତାଧିକାରୀ ଆଜି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଦୀର୍ଘ ସମୟ ରହିଥିବା ଦେଖାଯାଇଥିଲା। ବିଡିଓ ନ ଥିବା ସୂଚନା ପାଇ ସେମାନେ ମଧ୍ୟ ଜିଲ୍ଲାପାଳଙ୍କୁ ଭେଟିଥିଲେ। ନୟାଗଡ଼ ବ୍ଲକର ୫ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀ ଦୀର୍ଘ ୪ ମାସ ହେଲା ଭତ୍ତାରୁ ବଞ୍ଚିତ ହୋଇଥିବା ସୂଚନା ମିଳିଛି। ବିଏସ୍‌ଏସ୍‌ଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଜନପ୍ରତିନିଧିମାନେ ଦାବି କରିଛନ୍ତି।

- ବ୍ଲକ ପ୍ରଶାସନ ଓ ବିଏସ୍‌ଏସ୍‌ଓଙ୍କ ମନମୁଖି କାର୍ଯ୍ୟ
- ୧୦ ଦିନରେ ଭତ୍ତା ଦେବାକୁ ଜିଲ୍ଲାପାଳଙ୍କ ପ୍ରତିଶ୍ରୁତି

**ଫତେଗଡ଼-ଖଣ୍ଡପଡ଼ା ରାସ୍ତା ସମ୍ପ୍ରସାରଣ**

# ଜବରଦଖଲ ଉଚ୍ଛେଦ, ଭାଙ୍ଗିଲା ଦାମୀ ଅଟ୍ଟାଳିକା

ଖଣ୍ଡପଡ଼ା,୪ ।୨(ସମିସ): ୨ ବର୍ଷ ତଳୁ ଖଣ୍ଡପଡ଼ା ସହର ତ୍ରିନାଥ ଛକରୁ ଭାପୁର ବଜାର ଦେଇ ଫତେଗଡ଼ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ପୂର୍ତ୍ତବିଭାଗ ପକ୍ଷରୁ ଆରମ୍ଭ ହୋଇଛି। ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱସ୍ଥ ଜାଗା ବର୍ଷ ବର୍ଷ ଧରି ଜବରଦଖଲକାରୀଙ୍କ କବଜାରେ ଥିବାରୁ ରାସ୍ତା ସମ୍ପ୍ରସାରଣରେ ସମସ୍ୟା ସୃଷ୍ଟି ହେବା ପରେ ସରକାରୀ ଜାଗାରୁ ଜବରଦଖଲ ଉଚ୍ଛେଦ ନିମନ୍ତେ ଖଣ୍ଡପଡ଼ା ତହସିଲ ପ୍ରଶାସନ ପକ୍ଷରୁ ସମସ୍ତଙ୍କୁ ନୋଟିସ ପଠାଯାଇଥିଲା।



ମାତ୍ର ଜବରଦଖଲକାରୀମାନେ ନିର୍ଦ୍ଧାରିତ ସମୟରେ ନ ହଟିବାରୁ ବୁଧବାର ପୁଲିସ ଓ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ୨ଟି ଜେସିବି ମେସିନ ଲଗାଇ ଜବରଦଖଲ ଉଚ୍ଛେଦ ଅଭିଯାନ ଆରମ୍ଭ ହୋଇଛି। ଖଣ୍ଡପଡ଼ା ତହସିଲଦାର ବିଶ୍ୱବିଶୃତ ତ୍ରିପାଠୀଙ୍କ ଉପସ୍ଥିତିରେ ବିଡିଓ ଅଙ୍କୁର ଅଭିଲାଷ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ମିଶ୍ର, ଖଣ୍ଡପଡ଼ା ପୂର୍ତ୍ତବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀ ରାଧେଶ୍ୟାମ କାଲୋ, ବରିଷ୍ଠ ଯନ୍ତ୍ରୀ ପ୍ରାଣକୃଷ୍ଣ ମହାପାତ୍ର, ଖଣ୍ଡପଡ଼ା ସଦର ଆର୍‌ଆଇ ବିଷ୍ଣୁପ୍ରିୟା ବେହେରାଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ପ୍ରଥମ ଦିବସରେ ୭ରୁ ଊର୍ଦ୍ଧ୍ୱ ବାସଗୃହର ସମ୍ମୁଖ ଅଂଶ ଭଙ୍ଗାଯାଇଛି। ଖଣ୍ଡପଡ଼ା ଥାନାଧିକାରୀ କୃତିବାସ ହରିଚନ୍ଦନ ସଦଳବଳ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା ଦାୟିତ୍ୱ ତୁଲାଇଥିଲେ। ଗୁରୁବାର ମଧ୍ୟ ଜବରଦଖଲ ଉଚ୍ଛେଦ ଅଭିଯାନ ଜାରି ରହିବ ବୋଲି କୁହାଯାଇଛି।

# ହାତଉଧାରି କରି ମଣ୍ଡି ଖର୍ଚ୍ଚ ତୁଲାଉଛି ପ୍ୟାକ୍ସ

## ଧାନକିଣା ବନ୍ଦ ପାଇଁ ସଭାପତି ସଂଘର ଚେତାବନୀ

**ନୟାଗଡ଼,୪ ।୨(ସମିସ):** ନୟାଗଡ଼ ଜିଲ୍ଲାରେ ଧାନକିଣା ବହୁ ବିଳମ୍ବରେ ଆରମ୍ଭ ହୋଇଛି। ଧାନକିଣା ସ୍ୱାଭାବିକ ସ୍ଥିତିକୁ ଆସୁଥିବା ବେଳେ ଏବେ ବଡ଼ ସମସ୍ୟା ଭାବେ ଉଭା ହୋଇଛି ମଣ୍ଡି ପରିଚାଳନା ଓ ବସ୍ତା ବୋଝେଇ କରିବା ଖର୍ଚ୍ଚ। ପ୍ୟାକ୍ସଗୁଡ଼ିକରେ ମଣ୍ଡି ଦିନ ୨୦ରୁ ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ହେଉଛି। ଏହି ଖର୍ଚ୍ଚ ପ୍ୟାକ୍ସ ସମ୍ପାଦକମାନେ ହାତ ଉଧାରି କରି ତୁଲାଇ ଆସୁଥିବା ବେଳେ ୫ରୁ ଊର୍ଦ୍ଧ୍ୱ ମଣ୍ଡି କରିଥିବା ପ୍ୟାକ୍ସଗୁଡ଼ିକ ଏବେ ବାକିଆ ଅବସ୍ଥାକୁ ଚାଲି ଗଲେଣି। କେତେ ହାତଉଧାରି କରି ମଣ୍ଡି ଚଳାଇବେ ବୋଲି ସେମାନେ ପ୍ରଶ୍ନ କରୁଛନ୍ତି। ମଣ୍ଡି ପରିଚାଳନା ଅର୍ଥ ବିଭିନ୍ନ ପ୍ୟାକ୍ସର ଏସ୍‌ବି-୧ ବ୍ୟାଙ୍କ ଖାତାରୁ ଉଠାଣ କରାଯିବାକୁ ନିୟମ ରହିଛି। ପ୍ୟାକ୍ସ ନିଜସ୍ୱ ଖାତାରୁ ଟଙ୍କା ଉଠାଣ କରିବାକୁ ସମବାୟ ବ୍ୟାଙ୍କ ମଧ୍ୟ ସହଯୋଗ କରୁନାହିଁ। ବ୍ୟାଙ୍କ କର୍ମଚାରୀମାନେ ଟଙ୍କା ଉଠାଇବା ପାଇଁ ସିଧାସଳଖ ମନା କରୁଥିବା ଅଭିଯୋଗ ହୋଇଛି। ସମବାୟ ବିଭାଗରୁ କୌଣସି ନିର୍ଦ୍ଦେଶ ଆସି ନ ଥିବା କହି ଏହାକୁ ବ୍ୟାଙ୍କ ଏଡ଼ାଇ ଯାଉଛି। ଏ ସମ୍ପର୍କିତ କୌଣସି ଚିଠି ବା ନିର୍ଦ୍ଦେଶ ସମବାୟ ବିଭାଗ ପକ୍ଷରୁ ମିଳୁ ନ ଥିବାରୁ ପ୍ୟାକ୍ସ ଏବେ ଅଡୁଆ ସ୍ଥିତିରେ ପଡ଼ିଛି। ଯାହା ବଡ଼ ସମସ୍ୟା ଭାବେ ଉଭା ହୋଇଛି। ଏହି ସମସ୍ୟା ଭିତରେ ଧାନମଣ୍ଡି କରିବା ଆଉ ସମ୍ଭବ ନୁହେଁ ବୋଲି ନୟାଗଡ଼ ଜିଲ୍ଲା ପ୍ୟାକ୍ସ ସଭାପତି ସଂଘ ଚେତାବନୀ ଦେଇଛି। ସଂଘ ସଭାପତି ପ୍ରତାପ ମହାନ୍ତି ଏବଂ ସମ୍ପାଦକ ଦିଲୀପ କୁମାର ହାତୀ ବୁଧବାର ଏନେଇ ଜିଲ୍ଲା ସମବାୟ ସମିତି ସମୂହ ଉପନିବନ୍ଧକ ଏବଂ ଜିଲ୍ଲା ଯୋଗାଣ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ତୁରନ୍ତ ସମସ୍ୟା ସମାଧାନ କରିବାକୁ ଦାବି କରିଛନ୍ତି। ପରିଚାଳନା ଅର୍ଥ ଉଠାଇବାକୁ ଅନୁମତି ନ ଦେଲେ ମଣ୍ଡି ବନ୍ଦ କରିବାକୁ ଚେତାବନୀ ଦେଇଛନ୍ତି। ଜିଲ୍ଲାର ୧୫୩ ପ୍ୟାକ୍ସ ଜରିଆରେ ଚାଲିଥିବା ୧୭୪ ମଣ୍ଡିକୁ ସମ୍ପୂର୍ଣ୍ଣ ବନ୍ଦ କରାଯିବ ବୋଲି ସଂଘ ଚେତାବନୀ ଦେଇଛି। ଅନ୍ୟପକ୍ଷେ, ସମବାୟ ବିଭାଗ ମଣ୍ଡି ପରିଚାଳନା ଓ ବସ୍ତା ବୋଝେଇ ଅର୍ଥରୁ ସିଂଘଭାଗ ହାତୁଗୁଞ୍ଜା ଦାବି କରୁଥିବା ଅନେକ ସଭାପତି ଅଭିଯୋଗ କରିଛନ୍ତି। ଯେଉଁଥିପାଇଁ ସମବାୟ ବିଭାଗ ଆଳ କରି ଟଙ୍କା ଉଠାଣ ପାଇଁ ଚିଠି କରୁ ନ ଥିବା କହିଛନ୍ତି। ସେଭଳି ସ୍ଥିତି ସୃଷ୍ଟି କରାଗଲେ, ଚାଷୀଙ୍କୁ ଧରି ଜୋରଦାର ଆନ୍ଦୋଳନ କରାଯିବ ବୋଲି ସଂଘ କହିଛି।



## ଅବହେଳିତ ଅବସ୍ଥାରେ ପୁରାଣ ପ୍ରସିଦ୍ଧ ମା' ନାରାୟଣୀ ପୀଠ

# ପୁଷ୍କରିଣୀରୁ ପାଣି ପିଅନ୍ତି ନାହିଁ ଗୋରୁ

ନୟାଗଡ଼/ଭାପୁର,୪ ।୨(ସମିସ)

ନୟାଗଡ଼ ଜିଲ୍ଲାର ଅନ୍ୟତମ ଶ୍ରେଷ୍ଠ ଶକ୍ତିପୀଠ ଭାବେ ମା' ନାରାୟଣୀ ପୀଠ ଜଣାଶୁଣା। ମାତ୍ର ଏହାର ଉନ୍ନତି ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ସେପରି ଗୁରୁତ୍ୱ ଦେଉ ନ ଥିବାରୁ ଏହା ଏବେ ଅଲୋଡ଼ା ହୋଇପଡ଼ିଛି। ଜିଲ୍ଲା ଓ ରାଜ୍ୟର ଯେତେ ଭକ୍ତ ନୀଳମାଧବ ଠାକୁରଙ୍କୁ ଦର୍ଶନ କରିବାକୁ ଆସିଥାନ୍ତି ସେମାନେ ମା' ନାରାୟଣୀଙ୍କୁ ମଧ୍ୟ ଦର୍ଶନ କରିଥାନ୍ତି। ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ପଥରଚକଡ଼ା ଗ୍ରାମ ନିକଟରେ ବିଜେ କରିଛନ୍ତି ମା' ନାରାୟଣୀ। ବାଘମାରୀ-ଦଶପଲ୍ଲା ରାଜ୍ୟ ରାଜପଥ ପାର୍ଶ୍ୱରେ ମା'ଙ୍କ ବିଜେସ୍ଥଳୀ। ଭୁବନେଶ୍ୱରଠାରୁ ୭୫ କିମି ଦୂର ଓ ପ୍ରସିଦ୍ଧ କଣ୍ଟିଲୋର ନୀଳମାଧବ ମନ୍ଦିର ତିନି କିଲୋମିଟର ପୂର୍ବରୁ ଏହା ପଡ଼ିଥାଏ। ପୁରାଣ ପ୍ରସିଦ୍ଧ ଏହି ପୀଠ ପ୍ରତି ସରକାରୀ ସହାୟତା ପ୍ରାୟ ବହୁତ କମ୍। ରାଜ୍ୟ ସରକାର ନୀଳମାଧବ ମନ୍ଦିର ଉନ୍ନତି ପାଇଁ ଗୁରୁତ୍ୱ ଦେଇଥିବା ବେଳେ ନାରାୟଣୀ ମନ୍ଦିର ପ୍ରତି ଅଣଦେଖା କରିଥିବା ଅଭିଯୋଗ ହୋଇଛି। ମା'ଙ୍କ ମନ୍ଦିର ପରିସରରେ ପଶ୍ଚିମମୁଖା ମହାଦେବ ରହିଥିବା ବେଳେ ମନ୍ଦିର ସମ୍ମୁଖରେ ରହିଛି ଅଲୌକିକ ପୁଷ୍କରିଣୀ। ଏହି ପୁଷ୍କରିଣୀର ପାଣି ମା'ଙ୍କ ପୂଜାର୍ଚ୍ଚନାରେ ବ୍ୟବହାର ହେଉଥିବାବେଳେ ପର୍ଯ୍ୟଟକଙ୍କ ଭୋଜିଭାତ ପାଇଁ ମଧ୍ୟ ବ୍ୟବହାର ହୋଇଥାଏ। ମାତ୍ର, ଏହାର ଜଳକୁ କୌଣସି ଗାଈ ବଳଦ ସ୍ପର୍ଶ କରି ନ ଥାନ୍ତି। ଉହଡହ ଖରାବେଳେ ଚରୁଥିବା ଗାଈଙ୍କୁ ଯେତେ ଶୋଷ ହେଲେ ବି ସେମାନେ ଏହି ପୁଷ୍କରିଣୀ ଜଳକୁ ଆଦୌ ପିଇ ନ ଥାନ୍ତି। ଲୋକକଥାରୁ ଜଣାଯାଏ ଯେ ପୁରାଣ ବର୍ଣ୍ଣିତ ଗୋଶିଙ୍ଗ ଦୈତ୍ୟ ମା'ଙ୍କ ପରମଭକ୍ତ ଥିଲା ଓ ମନ୍ଦିର ନିକଟ ଏବେକାର ପୁଷ୍କରିଣୀ ତା'ର ଯଜ୍ଞକୁଣ୍ଡ ଥିଲା। ଏହି ଯଜ୍ଞକୁଣ୍ଡରେ ସେ ଶହ ଶହ ଗାଈ ବଳଦ ବଳି ଦେଉଥିବାରୁ ଏବେ ଏହି ପୁଷ୍କରିଣୀ ଜଳ ଗୋରୁମାନେ ସ୍ପର୍ଶ କରୁ ନ ଥିବା କୁହାଯାଉଛି। ଏହା ଏବେ କେତେକାଂଶରେ ପ୍ରମାଣିତ ହୋଇଛି। ଅଲୌକିକ ତଥା ପୌରାଣିକ କିମ୍ବଦନ୍ତୀ ସମ୍ପନ୍ନ ଶକ୍ତିପୀଠର ଉନ୍ନତି ପାଇଁ ସରକାରୀ ସ୍ତରରେ ସେଭଳି ଆଖିଦୃଶିଆ ପଦକ୍ଷେପ ନିଆଯାଇନାହିଁ। ଏବେ ମନ୍ଦିର ଓ ନିକଟସ୍ଥ ପୋଖରୀ ଚତୁଃପାର୍ଶ୍ୱ ଅନାବନା ଗଛ, ଲଟିଲୁଟା ଅଳିଆ ଆବର୍ଜନାରେ ପରିପୂର୍ଣ୍ଣ ହୋଇ ରହିଛି ଓ ପୋଖରୀର ପାଣି ବ୍ୟବହାର ଯୋଗ୍ୟ ହୋଇ ରହିନାହିଁ। ଏଠାକୁ ଆସୁଥିବା ଭକ୍ତମାନେ ଏଠାକାର ପରିବେଶ ଦେଖି ଅସନ୍ତୁଷ୍ଟ ହୋଇ ଫେରୁଛନ୍ତି। ଏହି ଶକ୍ତିପୀଠ ପ୍ରତି ରାଜ୍ୟ ସରକାରଙ୍କ ସୁନଜର ପଡ଼ିଲେ ଏହାର ଭାଗ୍ୟ ବଦଳି ଯାଆନ୍ତା ବୋଲି ସ୍ଥାନୀୟ ଜନସାଧାରଣ କହିଛନ୍ତି।





## ଜନଗଣନା ସମ୍ବନ୍ଧୀୟ ତାଲିମ ଶିବିର

# ‘୨୦୨୭ ଜନଗଣନା ଐତିହାସିକ ହେବ’




- ୧୬ ଏପ୍ରିଲରୁ ୧୫ ମଇ ପ୍ରଥମ ପର୍ଯ୍ୟାୟରେ କରାଯିବ ଘର ଗଣନା
- ଫେବୃୟାରୀ ୯ ରୁ ୨୮ ଦ୍ୱିତୀୟ ପର୍ଯ୍ୟାୟରେ ଗଣନା ହେବ ପରିବାର ଲୋକ ସଂଖ୍ୟା

ଖୋର୍ଦ୍ଧା,୪।୨(ସମିସ): ବୁଧବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଜୟୀରାଜଗୁରୁ ସମ୍ମିଳନୀ କକ୍ଷରେ ଓଡ଼ିଶା ଜନଗଣନା କାର୍ଯ୍ୟ ଏବଂ ନାଗରିକ ପଞ୍ଜୀକରଣ ନିର୍ଦ୍ଦେଶକ ନିଖିଲ ପବନ କଲ୍ୟାଣଙ୍କ ଅଧ୍ୟକ୍ଷତାରେ ଜନଗଣନା ଅଧିକାରୀ ଓ କର୍ମଚାରୀ ମାନଙ୍କ ନିମନ୍ତେ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା, ଖୋର୍ଦ୍ଧା ଉପଜିଲ୍ଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ, ଭୁବନେଶ୍ୱର ଉପଜିଲ୍ଲାପାଳ ଡ. ମନୋରଞ୍ଜନ ସାହୁ, ଓଡ଼ିଶା ଜନଗଣନା କାର୍ଯ୍ୟ ଏବଂ ନାଗରିକ ପଞ୍ଜୀକରଣ ବିଭାଗ ସହକାରୀ ନିର୍ଦ୍ଦେଶକ ଚନ୍ଦ୍ରମୋହନ ମହନ୍ତ ପ୍ରମୁଖ ଯୋଗଦେଇ ଜନଗଣନା କାର୍ଯ୍ୟ ସମ୍ପାଦନ ସମ୍ପର୍କରେ ଆଲୋଚନା କରିଥିଲେ।

ଜନଗଣନା ନିର୍ଦ୍ଦେଶକ ନିଖିଲ ପବନ କଲ୍ୟାଣ କହିଥିଲେ ଯେ ୨୦୨୭ ଜନଗଣନା ଏକ ନିର୍ଦ୍ଦିଷ୍ଟ ସମୟାନୁବର୍ତିତା କାର୍ଯ୍ୟ ଅଟେ। ଏଣୁ ଜିଲ୍ଲାରେ ସମସ୍ତ ତହସିଲଦାର, ବିଡିଓ, ବିଭିନ୍ନ ଲାଇନ୍ ଡିପାର୍ଟମେଂଟ ଅଧିକାରୀ ଓ କର୍ମଚାରୀ ମାନେ ସମ୍ପୂର୍ଣ୍ଣ ଜନଗଣନା ପଦ୍ଧତି ଉପରେ ଅବଗତ ହୋଇ ତାଲିମ ଗ୍ରହଣ କରି ଏବଂ ଗଣନାକାରୀ ମାନଙ୍କୁ ତାଲିମ ଦେଇ ଜନଗଣନା କାର୍ଯ୍ୟ ଶତ ପ୍ରତିଶତ ସଠିକ୍ ଓ ସୁଚାରୁରୂପେ ସମ୍ପାଦନ କରିବାକୁ ପରାମର୍ଶ ଦେଇଥିଲେ। ଆସନ୍ତା ୨୦୨୭ ମସିହାରେ ଅନୁଷ୍ଠିତ ହେବାକୁ ଯାଉଥିବା ଜନଗଣନା ଏକ ଐତିହାସିକ କାର୍ଯ୍ୟକ୍ରମ ବୋଲି ନିର୍ଦ୍ଦେଶକ ଶ୍ରୀ କଲ୍ୟାଣ କହିଥିଲେ।

ଏହି ଅବସରରେ ନିର୍ଦ୍ଦେଶକ ଶ୍ରୀ କଲ୍ୟାଣ ପ୍ରତ୍ୟେକ ଅଧିକାରୀ ଏବଂ କର୍ମଚାରୀ ମାନଙ୍କର କର୍ତବ୍ୟ ଓ ଦାୟିତ୍ୱ ସମ୍ପାଦନ ଦିଗରେ ଗୁରୁତ୍ୱାରୋପ କରିଥିଲେ। ଆଗାମୀ ୧୬ଶ ଦଶ ବାର୍ଷିକ ଜନଗଣନା ୨୦୨୭କୁ ଜିଲ୍ଲାସ୍ତରରେ ସୁ ପରିଚାଳନା ନିମନ୍ତେ ନିର୍ଦ୍ଦେଶକ ବିସ୍ତୃତ ଭାବେ ସମସ୍ତ ସୂଚନା ଉପରେ ତାଲିମ ପ୍ରଦାନ କରିଥିଲେ।

ଆସନ୍ତା ୧୬ ଏପ୍ରିଲ ୨୦୨୬ରୁ ୧୫ ମଇ ୨୦୨୬ ପ୍ରଥମ ପର୍ଯ୍ୟାୟରେ ଘର ଗଣନା କାର୍ଯ୍ୟ ଅନୁଷ୍ଠିତ ହେବ। ଏହି ସମୟରେ ଏପ୍ରିଲ ୧ ତାରିଖରୁ ଏପ୍ରିଲ ୧୫ ତାରିଖ ପର୍ଯ୍ୟନ୍ତ ଅନ ଲାଇନ୍ ମାଧ୍ୟମରେ ନିଜେ ନିଜର ଜନଗଣନା ତଥ୍ୟ ପୂରଣ କରିପାରିବେ। ପରିବାର ଲୋକ ସଂଖ୍ୟା ଦ୍ୱିତୀୟ ପର୍ଯ୍ୟାୟରେ ଫେବୃୟାରୀ ୯ ତାରିଖରୁ ୨୮ ଫେବୃୟାରୀ ପର୍ଯ୍ୟନ୍ତ ଗଣନା କାର୍ଯ୍ୟ ସମ୍ପାଦିତ ହେବ। ଏହି ସମୟରେ ପ୍ରତ୍ୟେକ ଘରର ମୁଖ୍ୟମାନେ ନିଜ ଗୃହର ସଠିକ୍ ତଥ୍ୟ ଦେଇ ୨୦୨୭ ଜନଗଣନା କାର୍ଯ୍ୟକୁ ସ୍ୱଚ୍ଛତା ଦିଗରେ ସହଭାଗିତା ହୋଇ ରାଷ୍ଟ୍ର ନିର୍ମାଣରେ ସହଯୋଗ କରିବାକୁ ଜନଗଣନା ନିର୍ଦ୍ଦେଶକ ଶ୍ରୀ କଲ୍ୟାଣ ଜିଲ୍ଲା ବାସୀଙ୍କ ସହଯୋଗ ଲୋଡିଛନ୍ତି।

ଏହି କାର୍ଯ୍ୟରେ ମୁଖ୍ୟତଃ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଗଣନାକାରି ଭାବେ କାର୍ଯ୍ୟ କରିବେ। ସେହିପରି ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀମାନେ ସୁପର ଭାଇଜର ଭାବେ କାର୍ଯ୍ୟ କରିବେ। ତହସିଲଦାରମାନେ ଚାର୍ଜ ଅଫିସର ଭାବେ କାର୍ଯ୍ୟ କରିବେ। ପ୍ରାକ୍ ପ୍ରସ୍ତୁତି ଜନଗଣନା ତାଲିମ ପ୍ରତ୍ୟେକ ତହସିଲ, ବ୍ଲକ୍, ପୌର ପରିଷଦ, ବିଜ୍ଞାପିତ ଅଂଚଳ ପରିଷଦ ଆଦିରେ ପ୍ରଦାନ କରାଯିବ। ସେହିପରି ଜନଗଣନା ମ୍ୟାପ୍ ପ୍ରସ୍ତୁତ କରାଯାଇ ପ୍ରତ୍ୟେକ ଜନଗଣନାକାରୀଙ୍କୁ ପ୍ରଦାନ କରାଯିବ ଯାହାକି ସେମାନେ ନିଜର ପରିସୀମା ମଧ୍ୟରେ ସୁଚାରୁ ରୂପେ ଜନଗଣନା କାର୍ଯ୍ୟ ସମ୍ପାଦନ କରିପାରିବେ। ଶେଷରେ ଉପଜିଲ୍ଲାପାଳ ଭୁବନେଶ୍ୱର ଡ. ମନୋରଞ୍ଜନ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

ବୈଠକରେ ଡେପୁଟି କଲେକ୍ଟର ଶ୍ରୀତପା ମିଶ୍ର, ଯୋଜନା ଓ ପରିସଂଖ୍ୟାନ ଉପନିର୍ଦ୍ଦେଶକ ଅଶୋକ କୁମାର ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରାଙ୍କ ସମେତ ସମସ୍ତ ତହସିଲଦାର, ବିଡିଓ, ପୌରପରିଷଦ ଓ ବିଜ୍ଞାପିତ ଅଂଚଳ ପରିଷଦ ନିର୍ବାହୀ ଅଧିକାରୀ, ସମସ୍ତ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ।

## ବିକଶିତ ପଞ୍ଚାୟତ ବିକଶିତ ଭାରତ-ଜୀ ରାମଜୀ କାର୍ଯ୍ୟକ୍ରମ

ବେଗୁନିଆ, ୪।୨ (ସମିସ): ବେଗୁନିଆ ସଦର ମହକୁମାସ୍ଥିତ ପୋଷ୍ଟ ଅଫିସ ଛକ ଠାରୁ ପଦଯାତ୍ରା ବାହାରି ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ପହଁଚି ବିକଶିତ ଗ୍ରାମ ପଞ୍ଚାୟତ ବିକଶିତ ଭାରତ- ଜୀ ରାମଜୀ ଜନ ଜାଗରଣ ସଭା ଅନୁଷ୍ଠିତ ହୋଇଛି। ଏଥିରେ ପୂର୍ବତନ ଜିଲ୍ଲା ଉପସଭାପତି ରୁଦ୍ର ନାରାୟଣ ବାହିନୀପତିଙ୍କ ଅଧ୍ୟକ୍ଷତାରେ ରାଜ୍ୟ ଉପସଭାପତି ଡ. ଯତୀନ ମହାନ୍ତି ମୁଖ୍ୟଅତିଥି, ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ୀମୁଖ୍ୟ ବକ୍ତା, ପୂର୍ବତନ କୃଷକ ମୋର୍ଚ୍ଚା କୋଷାଧ୍ୟକ୍ଷ ବିଶ୍ୱଜିତ୍ ସ୍?ାଇଁ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ସୁମିତ୍ରା ବାହିନୀପତି,ପୂର୍ବତନ ବ୍ଲକ ସଭାପତି ଅଜୟ କୁମାର ମାର୍ଥା, ପୂର୍ବତନ ବୋଲଗଡ ମଣ୍ଡଳ ସଭାପତି ସମୀର ମହାରଥା, ପୂର୍ବତନ ଦକ୍ଷିଣ ବେଗୁନିଆ ମଣ୍ଡଳ ସାଧାରଣ ସମ୍ପାଦକ ଦୀନବନ୍ଧୁ ବିଶ୍ୱାଳ ଓ ପୂର୍ବତନ ବେଗୁନିଆ ମଣ୍ଡଳ ସଭାପତି ସୁଦର୍ଶନ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ବିକଶିତ ଭାରତ-ଜୀ ରାମଜୀରେ ପ୍ରତ୍ୟେକ ଗରିବ ଲୋକଙ୍କୁ ନିଶ୍ଚିତ ନିଯୁକ୍ତି ପ୍ରଦାନ ସହ ସ୍ୱାବଲମ୍ବନ୍ କରିବା ପାଇଁ ୧୦୦ ଦିନ ପରିବର୍ତ୍ତେ ୧୨୫ ଦିନ ବୃଦ୍ଧି କରାଯାଇ ସଠିକ୍ ମଜୁରୀ ପ୍ରଦାନ କରାଯିବ। ଏପରିକି ଅନୁସୂଚିତ ଜନଜାତି ଶ୍ରମିକ ମାନଙ୍କୁ ୨୫ ଦିନର ଅତିରିକ୍ତ ନିଯୁକ୍ତି ପ୍ରଦାନ କରାଯିବା ସହ ୧୫ ଦିନ ମଧ୍ୟରେ କାର୍ଯ୍ୟ ନ ପାଇଲେ ବେକାରୀ ଭତ୍ତା ପ୍ରଦାନ କରାଯିବ ବୋଲି ଉପସ୍ଥିତ ଜନ ସାଧାରଣଙ୍କୁ ଅବଗତ କରାଇ ଥିଲେ।

## ନାଚୁଣୀ କଲେଜ ବିଜ୍ଞାନ ସଂସଦର ବାର୍ଷିକୋତ୍ସବ




ଚିଲିକା,୪।୨(ସମିସ): ନାଚୁଣୀ ମହାବିଦ୍ୟାଳୟ ବିଜ୍ଞାନ ସଂସଦର ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ବିଜ୍ଞାନ ସଂସଦ ସଭାପତି ତଥା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁନୀଲ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ କଲେଜର ପ୍ରତିଷ୍ଠାତା ତଥା ଚିଲିକାର ପୂର୍ବତନ ବିଧାୟକ ଡାକ୍ତର ବିଭୂତି ଭୂଷଣ ହରିଚନ୍ଦନ ଅନ୍ୟାନ୍ୟ ଅତିଥିମାନଙ୍କ ଉପସ୍ଥିତିରେ ବାର୍ଷିକୋତ୍ସବକୁ ଉଦଘାଟନ କରିଥିଲେ। ଏହାପରେ ଉଦ୍ଭିଦ ବିଜ୍ଞାନର ଡେମୋନଷ୍ଟ୍ରେଟର ଅଜିତ୍ କୁମାର ମିଶ୍ରଙ୍କ ସଂଯୋଜନାରେ ଛାତ୍ରୀମାନେ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ। ଉକ୍ତ ବିଜ୍ଞାନ ସଂସଦର ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଭୁବନେଶ୍ୱରସ୍ଥ ଜୀବ ବିଜ୍ଞାନ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡ. ଦେବାଶିଷ ଦାଶ, ସମ୍ମାନୀତ ଅତିଥି ଭାବେ ପ୍ରତିଷ୍ଠାନ ବୈଜ୍ଞାନିକ ଡ. ସଞ୍ଜୀବ କୁମାର ସାହୁ ଯୋଗ ଦେଇ ବିଜ୍ଞାନର ସାମାଜିକ ମୂଲ୍ୟବୋଧରେ ଅନୁପ୍ରାଣୀତ ହୋଇ ବିଜ୍ଞାନ ପ୍ରେମୀ ହେବା ପାଇଁ କହିଥିଲେ। ମୁଖ୍ୟବକ୍ତା ଡାକ୍ତର ଆଶୁତୋଷ ମିଶ୍ର ବିଜ୍ଞାନ ଓ ଆଧାନିକତାର ନିବିଡ ସମ୍ପର୍କ ଉପରେ କହିବା ସହ ଜଗନ୍ନାଥ ସଂସ୍କୃତି ଉପରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟର ପୂର୍ବତନ ଛାତ୍ର ଲିପକ ହରିଚନ୍ଦନ ଓ ପୂର୍ବତନ ଛାତ୍ରୀ ଶିପ୍ସା ରାଣୀ ବେହେରା ରାଜ୍ୟ ପ୍ରଶାସନିକ ସେବାରେ ଯୋଗ ଦେଇଥିବାରୁ କଲେଜ ତରଫରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଜ୍ଞାନ ସଂସଦ ଉପ-ସଭାପତି ଆର.ପି.ଏନ୍.ଏସ୍. ବର୍ମା ବିବରଣୀ ପାଠ କରିଥିବା ବେଳେ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ ଅଧ୍ୟାପକ ଦିଲ୍ଲୀପ କୁମାର ବେହେରା। ଅଧ୍ୟାପିକା ଲୀନା ନଦୀଜା ଉତ୍ସବ ପରିଚାଳନା କରିଥିବା ବେଳେ ଧନ୍ୟବାଦ ଦେଇଥିଲେ ଅଧ୍ୟାପିକା କ୍ରୀଷ୍ଣା କୁମାରୀ ଭୋଳ।

## ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ବିଶ୍ୱ କର୍କଟ ଦିବସ

ନିରାକାରପୁର, ୪।୨ (ସମିସ): ଶ୍ରୀଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନା ତରଫରୁ ମହାବିଦ୍ୟାଳୟ ପରିସରରେ ବିଶ୍ୱ କର୍କଟ ଦିବସ ପାଳିତ ହୋଇଛି। ଅଧ୍ୟକ୍ଷ ଉମେଶ ଚନ୍ଦ୍ର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ସଚେତନତା ସଭାରେ ମୁଖ୍ୟ ଅତିଥି ଡାକ୍ତର ପ୍ରୀତିପର୍ଣ୍ଣା ଛୋଟରାୟ ଓ ମୁଖ୍ୟବକ୍ତା ଅଧ୍ୟାପକ ପ୍ରତାପ କିଶୋର ଛୋଟରାୟ ଯୋଗଦେଇ କର୍କଟ ରୋଗର ପ୍ରକାର, ରୋଗ ବିଷୟରେ ପ୍ରଚଳିତ ବିଭିନ୍ନ ମିଥ ଏବଂ ଏହି ମହାମାରୀ ରୋଗର ବିଭିନ୍ନ କାରଣ ସମ୍ପର୍କରେ ମନ୍ତବ୍ୟ ରଖିଥିଲେ। ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର କାର୍ଯକ୍ରମ ଅଧିକାରିଣୀ ଅନୁପମା ଚମ୍ପତିରାୟ କର୍କଟ ରୋଗ ନିରାକରଣରେ ଯୁବ ଗୋଷ୍ଠୀଙ୍କ ଭୂମିକା ବିଷୟରେ ବକ୍ତବ୍ୟ ରଖିଥିଲେ। ଶିକ୍ଷା ବିଭାଗର ଅଧ୍ୟାପିକା ଡ. ସଂଯୁକ୍ତା ପଟ୍ଟନାୟକ ବିସ୍ତୃତ ଆଲୋଚନା କରିଥିଲେ। ଅଧ୍ୟାପିକା ସଚଳା ସାମନ୍ତରାୟ, ଅଧ୍ୟାପିକା ସୁଜ୍ଞାନୀ ଭଞ୍ଜସାମନ୍ତ, ଅଧ୍ୟାପିକା ଅନିତା ଦାସ, ଅଧ୍ୟାପିକା ସଂୟପ୍ରଭା ମାନ୍ଧାତା, ଅଧ୍ୟାପିକା ଯଶସ୍ୱିନୀ ସାହୁ, ଅଧ୍ୟାପକ ବଳରାମ ପଶାୟତ, ସତ୍ୟସୁନ୍ଦର ମହାପାତ୍ର ବକ୍ତବ୍ୟ ରଖିଥିଲେ। ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡ. ସୁମନ୍ତ ଦେହେରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କ୍ଲଷ୍ଟରସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କର୍ମଶାଳା

ବେଗୁନିଆ,୪।୨(ସମିସ): ବେଗୁନିଆ ବ୍ଲକର ୧୫ଟି କ୍ଲଷ୍ଟରରେ ଦୁଇ ଦିନ ଧରି ଚାଲିଥିବା ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କର୍ମଶାଳା ଉଦ୍‌ଯାପିତ ହୋଇଛି। ଏଥିରେ ପୋଡାଡିହ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଦାଶରଥି ପ୍ରଧାନଙ୍କ ଆବାହକତ୍ୱରେ ପ୍ରଧାନଶିକ୍ଷୟିତ୍ରୀ ପ୍ରତିଭାରାଣୀ ମହାପାତ୍ର ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ। ଉଦଯାପନୀ ଉତ୍ସବରେ ବେଗୁନିଆ ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ସେଠୀ ଉପସ୍ଥିତ ରହି ସ୍ୱଳ୍ପ ଖର୍ଚ୍ଚରେ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରି ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରିବାରେ ସହାୟକ ହୋଇ ପାରିବ ବୋଲି ମତ ପ୍ରକାଶ କରିବା ସହ ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କୁ ମାନପତ୍ର ପ୍ରଦାନ କରିଥିଲେ। ପ୍ରଶିକ୍ଷକ ଭାବେ ଅଭିଷେକ ବେହେରା, ତ୍ରିନାଥ ପରିଡା ଓ ରମେଶ ଚନ୍ଦ୍ର ବେହେରା ତାଲିମ ଦେଇଥିବାବେଳେ ଶିକ୍ଷକ ସମର ଚିନରା ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁଇ ଗୋଷ୍ଠୀ ଗଣ୍ଡଗୋଳ, ଏକାଧିକ ଆହତ

ନିରାକାରପୁର,୪।୨ (ସମିସ): ଗତକାଲି ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଷ୍ଟେସନ ବଜାରରେ ଦୁଇ ଗୋଷ୍ଠୀ କୌଣସି କାରଣକୁ କେନ୍ଦ୍ର କରି କଥା କଟାକଟିରୁ ମାରପିଟ ହୋଇଥିବାବେଳେ ଆଜି ସନ୍ଧ୍ୟାରେ ଏହାର ପୁନରାବୃତ୍ତି ହୋଇଛି। ଫଳରେ ଅଞ୍ଚଳରେ ଉତ୍ତେଜନା ଲାଗି ରହିଛି। ଆଜି ସନ୍ଧ୍ୟାରେ ଦୁଇ ଗୋଷ୍ଠୀଙ୍କ ଟେକା ପଥର, କାଚ ବୋତଲ ଫିଙ୍ଗା ଫୋପଡା ରେ କିଛି ସମୟ ଷ୍ଟେସନ ବଜାର ରଣକ୍ଷେତ୍ରରେ ପରିଣତ ହୋଇଥିବାର ଶୁଣିବାକୁ ମିଳୁଛି। ଏହି ଘଟଣାରେ ଏକାଧିକ ଆହତ ହୋଇଥିବାର ଖବର ମିଳିଥିବାବେଳେ ଅଞ୍ଚଳରେ ଉତ୍ତେଜନା ଲାଗି ରହିଛି। ଆହତ ବ୍ୟକ୍ତିମାନେ ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ହେଉଥିବା ଜଣାପଡିଛି। ଖବର ପାଇ ଘଟଣାସ୍ଥଳରେ ପୁଲିସ ପହଞ୍ଚି ପରିସ୍ଥିତ ନିୟନ୍ତ୍ରଣକୁ ଆଣିବା ସହିତ ପଇଁତରା ମାରୁଥିବା ଜଣାପଡିଛି। ପ୍ରଶାସନ ଓ ଭଦ୍ରବ୍ୟକ୍ତି ତୁରନ୍ତ ଏଥିରେ ହସ୍ତକ୍ଷେପ କରି ଶାନ୍ତି ପ୍ରତିଷ୍ଠା ପାଇଁ ପ୍ରଚେଷ୍ଟା କରିବାକୁ ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

## ଶ୍ରୀମଦ୍ ଭାଗବତ କଥା ମହୋତ୍ସବ

ବାଣପୁର,୪।୨(ସମିସ) : ବାଣପୁର ବ୍ଲକ ଅଧିନ ନରେନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ହଳନ୍ଦା ଗ୍ରାମସ୍ଥିତ ଶ୍ରୀ ରାଧାମୋହନ ମଠରେ ଶ୍ରୀପାଦ ଭକ୍ତିବେଦାନ୍ତ ବୋଧାୟନ ମହାରାଜ ଜୟଶ୍ରୀ ଦାମୋଦର ମଠ ପୁରୀଙ୍କ ଦ୍ୱାରା ସପ୍ତ ଦିନ ବ୍ୟାପି ଶ୍ରୀମଦ ଭାଗବତ ସପ୍ତାହ ପରାୟଣ ଓ କଥା ମୋହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାଣପୁର ଆଗମନର ୪୦୫ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଶ୍ରୀ ରଧାମୋହନ ମଠ ଉନ୍ନୟନ ପରିଷଦ ହଳନ୍ଦା ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା। ଦୈନନ୍ଦିନ ଆଖ ପାଖ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ଥିବା ବେଳେ ଶେଷରେ ରାଧାମୋହନ ମଠ ପରିଚାଳନା କମିଟିର ସଭାପତି ବିଶ୍ୱମ୍ଭର ସ୍ୱାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଲୁଗାଁ ମହାବିଦ୍ୟାଳୟ ବିଜ୍ଞାନ ପରିଷଦର ବାର୍ଷିକ ଉତ୍ସବ

ବାଲୁଗାଁ, ୪।୨(ସମିସ) : ବାଲୁଗାଁ ମହାବିଦ୍ୟାଳୟ ବିଜ୍ଞାନ ପରିଷଦର ବାର୍ଷିକ ଉତ୍ସବ ବୁଧବାର ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ସୁବୁଦ୍ଧି ସମାରୋହକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିବା ବେଳେ ଏଥିରେ ଯୁକ୍ତ ଦୁଇ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ଶ୍ରୀଚନ୍ଦନ, ପ୍ରଶାସନିକ ଅଧିକାରୀ ଡ. କୈଳାସ ଚନ୍ଦ୍ର ମହାରଣା, ପ୍ରତିଷ୍ଠାନ ଅଧିକାରୀ ସୁଧାକର ନାୟକ, ଅଧ୍ୟାପକ ସୁବ୍ରତ ତ୍ରିପାଠୀ, ବିଦ୍ୟାଧର ଯୁଝାରସିଂହ, ପ୍ରବୀଣ ଜେନା, ଶିବରାମ ସିଂହ, ହିମାଂଶୁ ଦାଶ ଓ ଅଧ୍ୟାପିକା ରୀନା ରାଉତ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀ ବିଜ୍ଞାନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିବା ଆବଶ୍ୟକ ବୋଲି ଉପଦେଶ ଦେଇଥିଲେ। ଏହି ଅବସରରେ ବିଜ୍ଞାନ ପରିଷଦ ପକ୍ଷରୁ ଆୟୋଜିତ ପ୍ରବନ୍ଧ, ବକ୍ତୃତା ଓ କୁଇଜ୍ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀ ବିଜୟଲକ୍ଷ୍ମୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



## ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା

ବେଗୁନିଆ, ୪।୨ (ସମିସ): ବେଗୁନିଆ ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ସଭା ଗୃହରେ ବ୍ଲକ୍ ସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା ଅନୁଷ୍ଠିତ ହୋଇଛି। ଏଥିରେ ଉଦ୍ୟାନ କୃଷି ବିଭାଗର ସହକାରୀ ଅଧିକାରୀ ଚିନ୍ମୟୀ କୁମାରୀ ସାହୁଙ୍କ ଅଧ୍ୟକ୍ଷତାରେ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ମୁଖ୍ୟଅତିଥି, ବିଡ଼ିଓ ସନ୍ତୋଷ କୁମାର ଜେନା ମୁଖ୍ୟବକ୍ତା ଓ ଛତୁଚାଷ ପ୍ରଶିକ୍ଷକ ସନ୍ତୋଷ କୁମାର ମିଶ୍ର ଅତିଥି ଭାବେ ଯୋଗ ଦେଇ ମହିଳା ମାନେ ସ୍ୱାବଲମ୍ବୀ ହେବା ପାଇଁ ଉଦ୍ୟାନ କୃଷି ଉପରେ ପ୍ରଶିକ୍ଷଣ ଓ ଅଭିଜ୍ଞତା ନିହାତି ଆବଶ୍ୟକ ବୋଲି ଅତିଥି ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ଉଦ୍ୟାନ କୃଷି ସମ୍ପ୍ରସାରଣ କର୍ମଚାରୀ ଆଶିଷ କୁମାର ଦଳବେହେରା ସହଯୋଗ କରିଥିବା ବେଳେ ଉଦ୍ୟାନ କୃଷି ଅଧିଦର୍ଶକ ହୁଲାସ ଦେଇ ଧନ୍ୟବାଦ ଅର୍ପଣ କରିଥିଲେ।

## ୬ରୁ ନୀଳାମ୍ବୁ ମହୋତ୍ସବ

ଟାଙ୍ଗୀ, ୪।୨(ସମିସ): ଚାନ୍ଦପୁର କନ୍ଦନୟାଗଡ ପଞ୍ଚାୟତ ଦ୍ୱୟର ନିର୍ବାଚିତ ଲୋକ ପ୍ରତିନିଧି, ସମାଜ ସେବୀ, ବିଭିନ୍ନ କମିଟିଙ୍କ ସକ୍ରିୟ ସହଯୋଗରେ ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ଦ୍ୱାରା ଆସନ୍ତା ୬ ତାରିଖ ଶୁକ୍ରବାରଠାରୁ ସାତ ଦିନ ପର୍ଯ୍ୟନ୍ତ ଚତୁର୍ଥ ନୀଳାମ୍ବୁ ମହୋତ୍ସବ ଅନୁଷ୍ଠିତ ହେବ। ଚଳିତ ଚତୁର୍ଥ ବାର୍ଷିକ ନୀଳାମ୍ବୁ ମହୋତ୍ସବ ଚାନ୍ଦପୁର ଐତିହାସିକ ଦଶ ଦୋଳ ମେଳଣ ପଡିଆରେ ଆୟୋଜିତ ହେବ। ଉତ୍ସବକୁ ଉଦଘାଟନ କରିବାକୁ ରାଜ୍ୟ ବିଧାନସଭା ବାଚସ୍ପତି ତଥା ରଣପୁର ବିଧାୟିକା ସୁରମା ପାଢୀଙ୍କୁ ନିମନ୍ତ୍ରଣ କରାଯାଇଛି। ୭ ତାରିଖ ଭାରତୀୟ ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ପ୍ରସିଦ୍ଧବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ସଂଗଠିତ ଗଣ ଆନ୍ଦୋଳନ ପାଇଁ ଓ ୯ ତାରିଖକୁ ରଣପୁର ପ୍ରଜା ଆନ୍ଦୋଳନ ଦିବସ ରୂପେ ଉତ୍ସର୍ଗ କରାଯାଇଛି। ଶାନ୍ତି ଶୃଙ୍ଖଳାର ସହ ନୀଳାମ୍ବୁ ମହୋତ୍ସବକୁ ସଫଳ କରିବା ପାଇଁ ସଂଘ ସଭାପତି ପଦ୍ମନାଭ ବିଶ୍ୱାଳ, ଉପ ସଭାପତି ମାନସ ପଟନାୟକ, ସମ୍ପାଦକ ମନୋଜ ପଟନାୟକ, ଆଇନ ପରାମର୍ଶଦାତା ସନ୍ଦୀପନି ମିଶ୍ର, ସଂଯୋଜକ ରଜନୀକାନ୍ତ ମିଶ୍ର ଓ କୋଷାଧ୍ୟକ୍ଷ ଦାମୋଦର ସାହୁ ପ୍ରମୁଖ ଏକ ପ୍ରେସ ବିବୃତି ମାଧ୍ୟମରେ ଅଞ୍ଚଳ ବାସୀଙ୍କୁ ନିବେଦନ କରିଥିବା ଜଣାପଡିଛି।

## ଯାଦବ ସମିତିର ବାର୍ଷିକ ଉତ୍ସବ

ବେଗୁନିଆ,୪।୨(ସମିସ): ବେଗୁନିଆ ବ୍ଲକ ସାରୁଅ ପଞ୍ଚାୟତ ଅନ୍ତର୍ଗତ କାଠଖୁଣ୍ଟିଆ ଗ୍ରାମରେ ଚାରି ରାଜ୍ୟ ଯାଦବ ସମିତିର ୧୫୭ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ସ୍ଥାନୀୟ ସରପଞ୍ଚ ରଞ୍ଜିତା ମହାଭୋଇଙ୍କ ଅଧ୍ୟକ୍ଷତା ଓ ଶିକ୍ଷାବିତ କୈଳାସ ଚନ୍ଦ୍ର ମାଣ୍ଡୋଇଙ୍କ ସଂଯୋଜନାରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ମୁଖ୍ୟବକ୍ତା ଓ ପୂର୍ବତନ ସରପଞ୍ଚ ସୁଦର୍ଶନ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଯାଦବ ସମାଜର ଉନ୍ନତି ପାଇଁ ପ୍ରଶାସନିକ ସ୍ତରରେ ପ୍ରୋତ୍ସାହନ ମିଳିବା ଆବଶ୍ୟକ ବୋଲି ଅତିଥି ମାନେ ମତ ପ୍ରକାଶ କରିଥିଲେ। ବରିଷ୍ଠ ସଦସ୍ୟ ସୁଦର୍ଶନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଏ-୧ ଆଶାୟୀଙ୍କ ପାଇଁ ହାଇ ଆଚିଭର୍ କର୍ମଶାଳା

ଖୋର୍ଦ୍ଧା, ୪।୨(ସମିସ): ସ୍ଥାନୀୟ ବିଜେବି ଉଚ୍ଚ ବିଦ୍ୟାଳୟ ଖୋର୍ଦ୍ଧାଠାରେ ଆଜି ଦଶମ ଶ୍ରେଣୀରେ ପଢୁଥିବା ଏ-୧ ଆଶାୟୀ ୨୪୪ପିଲାମାନଙ୍କୁ ନେଇ ଏକ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ରେଜ୍ ଅଧୀନରେ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଖୋର୍ଦ୍ଧା, ଟାଙ୍ଗୀ, ବୋଲଗଡ଼, ବେଗୁନିଆ, ବାଣପୁର, ଚିଲିକା ବ୍ଲକରୁ ମୋଟ୨୪୪ ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ସୋମନାଥ ରାୟ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡକ୍ଟର ପ୍ରଜ୍ଞା ପାରମିତା ଜେନା ଓ ଜିଲ୍ଲା ବିଜ୍ଞାନ ପରିଦର୍ଶକ ସରୋଜ କୁମାର ସିଂ ଉପସ୍ଥିତ ରହି ପିଲାମାନଙ୍କୁ ଚାପମୁକ୍ତ ହୋଇ ପରୀକ୍ଷା ପାଇଁ ପ୍ରସ୍ତୁତ ହେବାକୁ ଉପାୟମାନ ବତାଇଥିଲେ। କର୍ମଶାଳାକୁ ପ୍ରଧାନଶିକ୍ଷକ ବିଭୁପ୍ରସାଦ ସେନାପତି ପରିଚାଳନା କରିଥିଲେ।



## ପାନୀୟଜଳ ପାଇଁ ପଞ୍ଚାୟତ କାର୍ଯ୍ୟାଳୟ ଘେରିଲେ ମହିଳା

ବାଲୁଗାଁ,୪।୨(ସମିସ) : ପ୍ରତି ବର୍ଷ ଗ୍ରୀଷ୍ମଋତୁ ଆସିଲେ ଚିଲିକା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଅଞ୍ଚଳର ବିଭିନ୍ନ ଗ୍ରାମରେ ପାନୀୟ ଜଳ ସଂକଟ ଦେଖା ଦେଇ ଥାଏ। ଏପରି ସ୍ଥଳେ ବର୍ତ୍ତମାନ ଖରା ଦିନର ଆଗମନ ହୋଇଯାଇ ଥିବା ବେଳେ ଚିଲିକା ନିର୍ବାଚନ ମଣ୍ଡଳୀର ଅନେକ ଗ୍ରାମରେ ଜଳସଙ୍କଟ ଦେଖା ଦେଇଛି। ତେବେ ଖରା ଦିନରେ ବଡ଼କୂଳ ପଞ୍ଚାୟତ ଅଧିନ ସୁବୁଦ୍ଧିପାଟଣା ଗ୍ରାମରେ ପ୍ରତିବର୍ଷ ପାନୀୟଜଳ ସଂକଟ ଦେଖା ଦେଉଥିବା ବେଳେ ସୁବୁଦ୍ଧିପାଟଣା ଗ୍ରାମର ମହିଳାମାନେ ନିତ୍ୟ ବ୍ୟବହାର ଲାଗି ପାନୀୟ ଜଳ ପାଇଁ ଅନେକ ଦୂରକୁ ଯାଇ ଏକ ପୋଖରୀରୁ ପାଣି ଆଣି ପାନୀୟଜଳ ଭାବେ ବ୍ୟବହାର କରି ନାନା ରୋଗରେ ପୀଡ଼ିତ ହେଉଥିବା ନଜିର ରହିଛି। ଏ ନେଇ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରି ଆସୁଥିବା ସହ ଏ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇ ଥିଲା। ୨୦୨୪ ସାଧାରଣ ନିର୍ବାଚନ ସମୟରେ ନେତାମାନେ ଯଥାଶୀଘ୍ର ପାନୀୟ ଜଳ ଯୋଗାଣର ସୁବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ନିର୍ବାଚନ ପରେ ଏବେ କୌଣସି ନେତା କିମ୍ବା ଦଳ ଏଥିପ୍ରତି କର୍ଣ୍ଣପାତ କରୁ ନାହାନ୍ତି। ଏଯାବତ ଗ୍ରାମରେ ପାନୀୟଜଳ ସମସ୍ୟାର କୌଣସି ସମାଧାନ ନହେବାରୁ ଗ୍ରାମରେ ଏନେଇ ଏକ ବୈଠକ ବସିଥିବା ବେଳେ ଏଥିରେ ଅତିଷ୍ଠ ହୋଇ ଶେଷରେ ଗ୍ରାମର ଶତାଧିକ ମହିଳାମାନେ ଗରା ଓ ବାଲଟି ଧରି ଏହାର ପ୍ରତିବାଦ କରି ସମାଧାନ ଦାବିରେ ବଡ଼କୂଳ ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇ ବସିଥିଲେ। ଫଳରେ କାର୍ଯ୍ୟାଳୟର ସମସ୍ତ କାର୍ଯ୍ୟ ଅନେକ ସମୟ ଧରି ବନ୍ଦ ରହିଥିଲା। ଖବର ପାଇ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ନାଭାଲ ଫାଣ୍ଡି ପୁଲିସ ସେଠାରେ ପହଞ୍ଚି ବୁଝାଶୁଝା କରି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ପାଇବା ପରେ ପ୍ରାୟ ୫ଘଣ୍ଟା ପରେ ଯାଇ ମହିଳାମାନେ ଧାରଣାରୁ ଓହରିଥିଲେ। ଏ ନେଇ ସମ୍ପର୍କରେ ଚିଲିକା ବ୍ଲକ ଅଧ୍ୟକ୍ଷା ଜ୍ୟୋସାରାଣୀ ବେହେରାଙ୍କୁ ପଚାରିବାରେ, ସେ ବିଡିଓଙ୍କ ସହ ଆଲୋଚନା କରିଥିବା ସହ ବିଭାଗୀୟ କନିଷ୍ଠଯନ୍ତ୍ରୀଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ କୁହାଯାଇ ତୁରନ୍ତ ସମସ୍ୟାର ସମାଧାନ କରାଯିବ ବୋଲି କହିଥିଲେ। ବଡ଼କୁଳ ସରପଞ୍ଚ ପ୍ରହ୍ଲାଦ ବେହେରାଙ୍କୁ ପଚାରିବାରେ, ଯୁଦ୍ଧକାଳୀନ ଭିତ୍ତିରେ ସୁବୁଦ୍ଧିପାଟଣା ଗ୍ରାମକୁ ପାଣି ପାଇପ ପକାଇ ଯଥାଶୀଘ୍ର ପାନୀୟ ଜଳ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ।



# ଜିଲ୍ଲାସ୍ତରୀୟ ବିଶ୍ୱ କର୍କଟ ଦିବସ




ଖୋର୍ଦ୍ଧା,୪।୨(ସମିସ): ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସମ୍ମିଳନୀ କକ୍ଷରେ ଶନିବାର ଜିଲ୍ଲାସ୍ତରୀୟ ବିଶ୍ୱ କର୍କଟରୋଗ ଦିବସ ପାଳିତ ହୋଇଯାଇଛି। ଏଥିରେ ଜିଲ୍ଲା ମୁଖ୍ୟଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସଞ୍ଜୟ ଚନ୍ଦ୍ର ରାୟ ଅଧ୍ୟକ୍ଷତା କରିଥିଲେ। ଡା. ରାୟ କହିଥିଲେ, ଯେଉଁ ମାନେ ନିକୋଟିନ ବହୁଳ ପ୍ରଚୁର ମଦ୍ୟପାନ କରନ୍ତି, ଗୁଟଖା, ଖଇନି, ତମାଖୁ ପ୍ରଚୁର ମାତ୍ରାରେ ସେବନ କରନ୍ତି ସେମାନେ ଏହି କ୍ୟାନ୍ସର ଭଳି ରୋଗରେ ଆକ୍ରାନ୍ତ ହୁଅନ୍ତି। ୯୦% ମୁଖକର୍କଟ ତମାଖୁ ସେବନ ଦ୍ୱାରା ହେଉଛି ବୋଲି କହିଥିଲେ। ତମାଖୁ ସେବନ ଯୋଗୁ ଭାରତରେ ପ୍ରତିବର୍ଷ ୧୦ଲକ୍ଷ ଲୋକଙ୍କ ମୃତ୍ୟୁ ଘଟୁଛି। ବିଶ୍ୱସ୍ତରରେ ୨୦୧୭ରେ ବୟସ୍କଙ୍କ ତମାଖୁ ସେବନ ଉପରେ ଏକ ସର୍ବେକ୍ଷଣ କରାଯାଇଥିଲା। ଏଥିରୁ ଜଣାଯାଇଥିଲା ଯେ ଭାରତରେ ପ୍ରାୟ ୨୬.୭କୋଟି ଲୋକ ତମାଖୁ ସେବନ କରୁଥିବାବେଳେ ୫୫୦୦ପିଲା ପ୍ରତିଦିନ ତମାଖୁ ଅଭ୍ୟାସ ଆରମ୍ଭ କରୁଛନ୍ତି। ତମାଖୁ ସେବନକାରୀଙ୍କ ମଧ୍ୟରୁ ଏକ ତୃତୀୟାଂଶ ଅକାଳରେ ମୃତ୍ୟୁବରଣ କରୁଥିବା ସେ ପ୍ରକାଶ କରିଥିଲେ। ପ୍ରତିବର୍ଷ ତମାଖୁ ସେବନ ଜନିତ ମୃତ୍ୟୁ ଯୋଗୁ ବହୁ ପରିବାର ଭାଙ୍ଗି ପଡୁଛନ୍ତି। ଏହାଉପରେ ନିଷେଧାଜ୍ଞାକୁ କଡାରୂପେ ପାଳନ କରାଗଲେ ତଦଜନିତ ମୃତ୍ୟୁକୁ ଏଡାଇଦିଆଯାଇ ପାରିବ ବୋଲି କହିଥିଲେ। ପ୍ରତିବର୍ଷ ସମଗ୍ର ବିଶ୍ୱରେ ୭୬ଲକ୍ଷ କର୍କଟ ରୋଗୀଙ୍କ ମୃତ୍ୟୁବରଣ କରୁଛନ୍ତି। ଏହାର କାରଣ ମୂଖ୍ୟତଃ ବର୍ତମାନର ଆଧୁନିକତା ସମୟରେ ଦୈ÷ନନ୍ଦିନ ଜୀବନ ଶୈ÷ଳୀ ଏବଂ ଖାଦ୍ୟରେ ଅଭୂତପୂର୍ବ ପରିବର୍ତ୍ତନ। ଯାହା ଏହି କର୍କଟ ରୋଗୀଙ୍କ ସଂଖ୍ୟା ବୃଦ୍ଧିରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ବର୍ତମାନ ଚିକିତ୍ସା କ୍ଷେତ୍ରରେ ୪୦ରୁ ୫୦ଭାଗ କର୍କଟ ରୋଗୀ ମୁଖଗହ୍ୱର କର୍କଟ ରୋଗରେ ଆକ୍ରାନ୍ତ ହେଉଛନ୍ତି। ସେଥିପାଇଁ ତମାଖୁ ସେବନ ଏକମାତ୍ର କାରଣ ହୋଇଥିବା ଡା. ରାୟ କହିଥିଲେ। କର୍କଟ ରୋଗର ଚିକିତ୍ସା ମୁଖ୍ୟତଃ ଔଷଧ, ରଞ୍ଜନ ରଶ୍ମୀ ଏବଂ କେମୋଥେରାପି ମାଧ୍ୟମରେ କରାଯାଇଥାଏ। ଏହି ରୋଗର ଯେଉଁ ଭୟାଭୟତା ବିଗତ ଦିନ ମାନଙ୍କରେ ଥିଲା ବର୍ତମାନ ତାହା ନାହିଁ ବୋଲି ଡା. ରାୟ କହିଥିଲେ। ଗ୍ରାମାଂଚଳରେ ପ୍ରାଥମିକ ଲକ୍ଷଣ ଦେଖାଯାଉଥିବା ରୋଗୀଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣି ଚିକିତ୍ସା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ବ୍ୟୟବହୁଳ ଖର୍ଚ୍ଚରୁ ରକ୍ଷା ଲାଗି ସରକାରୀ ସ୍ତରରେ ଖୋଲାଯାଇଥିବା କର୍କଟ ହସ୍ପିଟାଲରେ ଚିକିତ୍ସା ଲାଗି ପରାମର୍ଶ ଦେଇଥିଲେ। ଏଡିପିଏଚଓ (ମେଡିକାଲ) ଡାକ୍ତର ଶ୍ୟାମା ପ୍ରସନ୍ନ ମିତ୍ର ଜୀବନଶୈଳୀରେ ପରିବର୍ତନ ହୋଇଥିବାରୁ ଏ ରୋଗ ବ୍ୟାପୁଥିବା କହିଥିଲେ। ନିୟମିତ ବ୍ୟାୟାମ, ପୁଷ୍ଟିକର ଖାଦ୍ୟ, ଧୂମପାନ, ତମାଖୁ ସେବନଠାରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ। ସେହିପରି ଏଡିପିଏଚଓ (ପରିବାର କଲ୍ୟାଣ) କୁଷ୍ଠ ରୋଗ ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ ଭେଷଜ ଅଧିକାରୀ ଡାକ୍ତର ବିଶ୍ୱନାଥ ପାଢ଼ୀ କ୍ୟାନସର ର ପ୍ରକାରଭେଦ ଉପରେ ଗୁରୁତ୍ୱାରୋପ କରିଥିଲେ।

ଏହି ଅବସରରେ ଜଟଣୀ ଓ ବାଲୁଗାଁ ବ୍ଲକ୍‌ର ଦୁଇଜଣ କ୍ୟାନ୍ସର ରୋଗରୁ ଆରୋଗ୍ୟ ହୋଇଥିବା ବ୍ୟକ୍ତିଙ୍କୁ ଟ୍ରଫି ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ସହକାରୀ ପରିଚାଳକ (ଅଣ ସଂକ୍ରମକ ରୋଗ), ସହାୟକ ଜନସ୍ୱାସ୍ଥ୍ୟ ଓ ସଂଚାରଣ ଅଧିକାରୀ, ସମସ୍ତ ବ୍ଲକର ମେଡିକାଲ ଅଫିସର, ବିପିଏମ୍, ପିଏଚଇଓ, ନର୍ସି ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

